ଖଇରା ବ୍ଲକ

# ସଜେଇ ହେଉଛି ୨୨ପୂଜା ମଣ୍ଡପ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୪।୧୦

ଆକାଶରୁ ଅପସରି ଯାଇଛି ବର୍ଷା। ଅନ୍ୟବର୍ଷ ଭଳି ବର୍ଷାର କୌଣସି ସୂଚନା ନ ଥିବାରୁ ପୂଜା କମିଟି ସଦସ୍ୟଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି। କାଶତଣ୍ଡୀ ଫୁଲର ପ୍ରତିଟି ରେଣୁରେ ଆଶ୍ୱିନ ଆଗମନର ଆଭାସ। ଏଭଳି ଏକ ମନୋରମ ପରିବେଶରେ ଧରାପୃଷ୍ଠକୁ ଅବତରଣ କରବେ ମା' ଦଶଭୁଜା। ମା'ଙ୍କ ଆଗମନକୁ ଚାତକ ଭଳି ଚାହିଁ ରହିଛନ୍ତି କୋଟି କୋଟି ସନ୍ତାନ। ଶିଳ୍ପୀ ତୂଳୀର ଶେଷସ୍ପର୍ଶକୁ ଉତ୍କଣ୍ଠାର ସହ ଅପେକ୍ଷା। ଖଇରା ବ୍ଲକର ୨୨ପୂଜା ମଣ୍ଡପରେ ଦର୍ଶନ ଦେବେ ମା' ଦୁର୍ଗତୀନାଶିନୀ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ବିଭିନ୍ନ ପୂଜା କମିଟି ତରଫରୁ ଚାଲିଛି ଘନ ଘନ ପ୍ରସ୍ତୁତି ବୈଠକ। ତେବେ ମୋଟର ସଂଶୋଧନ ଆଇନ କଡାକଡି ଲାଗୁ ହେବା ପରେ ଏଥର ଦେଖଣାହାରିଙ୍କ ଉପରେ ଏହାର ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି। ଖଇରା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ପୌରୋହିତ୍ୟରେ କେତେକ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଗତ ୨୯ତାରିଖରେ ଶେଷ ହୋଇଯାଇଛି ଶାନ୍ତି କମିଟି ବୈଠକ। ସମସ୍ତ ପୂଜା ମଣ୍ଡପରେ ଡିଜେ ନିଷିଦ୍ଧ କରିବା, ଭସାଣି ଶୋଭାଯାତ୍ରାରେ ସଂଯମତା ରକ୍ଷା କରିବା, ରାତି ୧୨ଟା ପରେ ମାଇକ ବନ୍ଦ, ପୂଜା ମଣ୍ଡପ ପରିସରରେ ନିଶାଦ୍ରବ୍ୟ ସେବନ ଓ ଅସାମାଜିକ କାର୍ଯ୍ୟକଳାପ ପ୍ରଶ୍ରୟ ନ ଦେବା ଲାଗି ପରାମର୍ଶ ଦିଆଯାଇଛି।



ଜଣେ ଶିଳ୍ପୀ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି।

## ପୂଜା ସହ ପ୍ରତିଭା ଅନ୍ୱେଷଣ

ଖଇରା ବ୍ଲକର ଅନ୍ୟତମ ପୁରୁଣା ବଜାର ଗଣ୍ଡିବେଡରେ ୧୯୪୭ ମସିହାରୁ ମହିଷମର୍ଦ୍ଦିନୀଙ୍କ ପୂଜାର୍ଚ୍ଚନା କରାଯାଇ ଆସୁଛି। ଏଠାରେ ପୂଜାକୁ କମ୍, ପ୍ରତିଭା ସମ୍ମାନକୁ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବା ଯୋଗ୍ୟତାସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ରାବଣପୋଡି ଉତ୍ସବରେ ଥାନାରେ ରହୁଥିବା ଅଧିକାରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥାଏ। ଚଳିତବର୍ଷ ତପସ୍ୱିନୀ ବେହେରା, ଅମରଜ୍ୟୋତି ଘଡାଇ, ଗଣେଶ ପ୍ରସାଦ ମୁଦୁଲି, କିରଣ୍ମୟୀ ଜେନା, ଯାଜ୍ଞସେନୀ ରାଉଳ, ଲୋପାମୁଦ୍ରା ମାଝିଙ୍କୁ ୭ତାରଖ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ସମ୍ବର୍ଦ୍ଧନା ସମାରୋହରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ଅଛି। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ପାଇକ ଆଖଡା ଏବଂ ଗୋଟିପୁଅ ନାଚ ପରିବେଷଣ କରାଯିବା ସମ୍ପର୍କରେ ସଭାପତି ଭାଗୀରଥି ଦାସ, ସମ୍ପାଦକ ମାନସ ରଞ୍ଜନ ରାଉଳ ଓ କୋଷାଧ୍ୟକ୍ଷ ଇନ୍ଦୁଭୂଷଣ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖଇରା ଥାନାରେ ରହୁଥିବା ଅଧିକାରୀଙ୍କ ଦ୍ୱାରା ପିଲାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ଭଳି ୭୧ବର୍ଷ ଧରି ଚାଲିଆସୁଥିବା ପରମ୍ପରାକୁ ଏଥର ମଧ୍ୟ କମିଟି ବଜାୟ ରଖିଛି।

## ଖଜଣା ଆଦାୟରୁ ଆରମ୍ଭ ହୋଇଥିଲା ମେଢ଼

ଲୋକକଥା ଅନୁଯାୟୀ ଆନୁମାନିକ ୨୧୭ବର୍ଷ ତଳେ ପଶ୍ଚିମବଙ୍ଗରୁ ବେଙ୍ଗଲ ସମ୍ପ୍ରଦାୟର ଲୋକମାନେ କଲିକତାରୁ ଆସି ବାଲେଶ୍ୱର ରାଜାଙ୍କଠାରୁ ୧୨୬ଖଣ୍ଡ ଗ୍ରାମର ଜମିଦାରୀ ନିଜ ଅଧୀନକୁ ନେଇଥିଲେ। ଏହି ସମ୍ପ୍ରଦାୟର ଅନ୍ୟତମ ମୁଖିଆ ଭାବେ ଟିକାରାମ ଚକ୍ରବର୍ତ୍ତୀ ୧୮ଶହ ଖ୍ରୀଷ୍ଟାବ୍ଦରେ ଖଇରା ବ୍ଲକର ଝିଙ୍କିରିଆ ପଞ୍ଚାୟତ ଅଧୀନ ତୋଟାପଡାଠାରେ ବସତି ସ୍ଥାପନା କରି ଜମିଦାରୀ ସୂତ୍ରରେ ଖଜଣା ଆଦାୟ କରିଥିଲେ। ଏହି ଖଜଣା ଆଦାୟ ଅର୍ଥରୁ ପ୍ରଥମେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ସେବେଠାରୁ ଏହି ବଂଶର ଉତ୍ତରାଧିକାରୀମାନେ ଗ୍ରାମବାସୀଙ୍କ ସହଯୋଗରେ ନାରାୟଣୀଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି।

## ବ୍ରିଟିଶମାନେ ଆରମ୍ଭ କରିଥିଲେ

ଖଇରା ବଜାରରେ ଚାଲିଥିବା ପୂଜା ୧୨୦ବର୍ଷ ତଳର ବୋଲି କୁହାଯାଏ। ପ୍ରଥମେ ବ୍ରିଟିଶବାହିନୀ ପକ୍ଷରୁ ଖଇରା ଥାନାରେ ନିଯୁକ୍ତ ପଣ୍ଡାବାବୁ ନାମକ ପୋଲିସ ଅଧିକାରୀଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିଲା। ପୂଜାର ସିଂହ ଭାଗ ଅର୍ଥ ବ୍ରିଟିଶ ପୋଲିସ ବହନ କରୁଥିଲେ। ସେତେବେଳେ ଏହି ପୂଜାରେ ଭୋଗ ଓ ପ୍ରସାଦ ପ୍ରସ୍ତୁତ ପାଇଁ ତୁଡିଗଡିଆ, ଗଣ୍ଡିବେଡ, କୁପାରୀ, ଆଗରପଡା ଆଦି ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ସ୍ୱତଃପ୍ରବୃତ୍ତ ଭାବେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପଠାଉଥିଲେ। ହଜାର ହଜାର ସଂଖ୍ୟକ ଦର୍ଶକ ମେଢ ଦେଖିବାକୁ ରୁଣ୍ଡ ହେଉଥିଲେ। ପରେ କମିଟି ଗଠନ କରାଯାଇ ପୂଜାର ଦାୟିତ୍ୱ ହାତକୁ ନିଆଯାଇଥିଲା। ଚଳିତବର୍ଷ ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମୀରେ ନୃତ୍ୟ ଓ ବାକି ୩ଦିନ ମେଲୋଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ନେଇ ସଭାପତି ଦୁର୍ଯ୍ୟୋଧନ ସାହୁ ଓ ସମ୍ପାଦକ ରାଧାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

## ଭାଇଚାରାର ପ୍ରତୀକ

୧୯୬୭ ମସିହାରେ ନାରାୟଣ ଚନ୍ଦ୍ର ବାନାର୍ଜୀଙ୍କ ଉଦ୍ୟମରେ ତୁଙ୍ଗୁରାଠାରେ ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ପୂଜା ଆରମ୍ଭ ହୋଇଥିଲା। ମା'ଙ୍କୁ ଆରାଧନା ସହିତ ଭାଇଚାରା ପରମ୍ପରାକୁ କାଏମ ରଖିବାକୁ କମିଟି ଗୁରୁତ୍ୱ ଦେଇଥାଏ। ମାନବ ପୂଜା ହିଁ ମାଧବ ପୂଜା ବୋଲି କମିଟିର ବିଶ୍ୱାସ ରହିଛି। ଏଥିପାଇଁ କମିଟି ପକ୍ଷରୁ ପୂଜାଖର୍ଚ୍ଚକୁ ଯତ୍‌ସମ୍ଭବ ସୀମିତ ରଖି ବାକି ଅର୍ଥକୁ ଦରିଦ୍ରନାରାୟଣଙ୍କ ସେବାରେ ବିନିଯୋଗ କରାଯାଇଥାଏ। ନବମୀ ଓ ଦଶମୀ ତିଥିରେ ନିକଟସ୍ଥ ଦର୍ଶନୀ ପ୍ରସାଦ ହାଇସ୍କୁଲ ପରିସରରେ ଧନୀ, ଗରିବ ଓ ହିନ୍ଦୁ ମୁସଲିମର କୌଣସି ଭେଦଭାବ ରଖା ନ ଯାଇ ସମସ୍ତେ ଗୋଟିଏ ଜାଗାରେ ବସି ପ୍ରସାଦସେବନ କରିଥାଆନ୍ତି। ଏଭଳି ନିଆରା ପରମ୍ପରା ଏ ଅଞ୍ଚଳବାସୀଙ୍କୁ ଅଧିକ ଆନନ୍ଦ ଦେଇଥାଏ ବୋଲି ସଭାପତି ନିର୍ମଳ କୁମାର ପଣ୍ଡା ଓ ସମ୍ପାଦକ ବିଶ୍ୱନାଥ ପୃଷ୍ଟି କହିଛନ୍ତି। ପୂଜା ସହିତ ସ୍ଥାନୀୟ ଯୁବକ ସଂଘର ପିଲାମାନଙ୍କ ପକ୍ଷରୁ ମଧ୍ୟ ନବମୀ ଓ ଦଶମୀରେ ନାଟକ ମଞ୍ଚସ୍ଥ କରାଯିବା ଭଳି ପରମ୍ପରା ରହିଛି।

## ଋଣ ଅର୍ଥରୁ ଆରମ୍ଭ ପାର୍ବଣ ପୂଜା

୧୯୬୧ ମସିହାରୁ ଐତିହାସିକ ପତିରାଜପୁର ମେଲଣ ପଡିଆରେ ପାଳନ ହୋଇଆସୁଛି ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା। ପୂଜାର ଆରମ୍ଭ ସମ୍ପର୍କରେ ଯାହା କୁହାଯାଏ ନିକଟସ୍ଥ ଗୋଳିହା ସେବା ସମବାୟ ସମିତିକୁ ଆସୁଥିବା ଚାଷୀମାନେ ପ୍ରଥମେ ମେଲଣ ପଡିଆରେ ପୂଜାପାଇଁ ମନ ବଳାଇଥିଲେ। ସେମାନେ ସମିତିରୁ ନେଉଥିବା ଋଣରୁ କିଛି ଅଂଶ ପୂଜା ପାଇଁ ଦାନ କରିଥିଲେ। ସେହିଦିନଠାରୁ ପୂଜା ପାଳିତ ହୋଇ ଆସୁଛି। କମିଟି ସଭାପତି ଭୀଷ୍ମ ଚରଣ ନାୟକ, ସମ୍ପାଦକ ପ୍ରଦୀପ ସାମଲ, ଯୁଗ୍ମ ସମ୍ପାଦକ ଉଦ୍ଧବ ଘଡେଇ ଓ ସନ୍ତୋଷ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଚଳିତମାସ ୯ତାରିଖରେ କମିଟି ସଭ୍ୟମାନଙ୍କ ଦ୍ୱାରା ନାଟକ ମିଛ ସିନ୍ଦୂର ପରିବେଷଣ ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ମିଳନ କ୍ଷେତ୍ର କୁପାରୀ

ଖଇରା ବ୍ଲକର ବୌଦ୍ଧ, ଜୈନ ଓ ଶୈବପୀଠର ମିଳନସ୍ଥଳ ଭାବେ କୁପାରୀ ଶହ ଶହ ବର୍ଷ ଧରି ସ୍ୱତନ୍ତ୍ର ପରିଚୟ ବହନ କରିଆସୁଛି। ଶାରୀଶୁଆ ପାହାଡର ପାଦଦେଶରେ ଥିବା ଏହି ବଜାରରେ ଗତ ୫୦ବର୍ଷ ଧରି ପୂଜା ପାଳିତ ହୋଇଆସୁଛି। ପରିବେଶକୁ ଦୃଷ୍ଟିରେ ରଖି ସ୍ଥାନୀୟ ଫରେଷ୍ଟରଙ୍କ ନେତୃତ୍ୱରେ ପୂଜା ପାଳିତ ହୋଇଥାଏ। ୧୯୯୯ ମସିହାରେ କୁପାରୀ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା ହେବା ପରେ ପୂଜାର ମହତ୍ତ୍ୱ ଅନେକାଂଶରେ ବୃଦ୍ଧି ପାଇଛି। ଏତଦ୍‌ଭିନ୍ନ ରାଇକୁଳା, ସିମୁଳିଆ, ସାରଡାଙ୍ଗ(୨ମେଢ), ଅଲିପୁର, ହରିପୁର, ମହତୀପୁର, ଡାଲଙ୍ଗ, ମଛଦା, ଗର୍ସଙ୍ଗ(୩ ମେଢ),ବାରାପୁର, ସୁଣ୍ଢିରା ଆଦି ସ୍ଥାନରେ ପୂଜା ଜାକଜମକରେ ପାଳିତ ହେଉଛି।

# ଦୁର୍ଗାପୂଜା ଲାଗି ବାଲିଆପାଳ ଚଳଚଞ୍ଚଳ ପୂଜା ପାଇବେ ୩୨ ମଣ୍ଡପରେ ମା'

ବାଲିଆପାଳ, ୪।୧୦(ଡି.ଏନ.ଏ.)

ପାଗ ଅନୁକୂଳ ଥିବାରୁ ବାଲିଆପାଳ ସଦର ବଜାର ସମେତ ଗ୍ରାମାଞ୍ଚଳରେ ଦୁର୍ଗାପୂଜା ଲାଗି ସବୁଠି ପରିବେଶ ଚଳଚଞ୍ଚଳ ହୋଇଛି। ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରେ ମୋଟ ୩୨ଟି ମୃଣ୍ମୟୀ ଦୁର୍ଗାମେଢ ହୋଇଛି। ବାଲିଆପାଳ ବସ୍‌ଷ୍ଟାଣ୍ଡ, ସିମୁଳିଆ ବଜାର, ରତାଇ ହାଟ, ନିଖିରା ହାଟ, ଇକଡପାଳ ଆଦି ପୁରାତନ ପୂଜାପୀଠ ସ୍ଥଳୀରେ ଚିତାକର୍ଷକ ସାଜସଜ୍ଜା, ସାଦୃଶ୍ୟ ତୋରଣ, ବୈଦ୍ୟୁତିକ ତୋରଣ ଓ ଆଲୋକରେ ଝଲସୁଛି। ଦୁର୍ଗାପୂଜା ଅବସରରେ ରତାଇଠାରେ ପାର୍ବଣ ମେଳା ୧୫ ଦିନ ପର୍ଯ୍ୟନ୍ତ ଚାଲିବ। ସେହିପରି ନିଖିରା, ଇକଡପାଳ ପୂଜାସ୍ଥଳୀରେ ୭ଦିନ ଧରି ମେଳା, ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ଅଭିନୟ ହେଉଛି। ପୂଜାମଣ୍ଡପ ଗୁଡିକରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାଲିଆପାଳ ଥାନା ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।



ଖଇରା ବ୍ଲକ କାର୍ଯ୍ୟାଳୟରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଉଛି।

# ବ୍ଲକ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ

ଖଇରା, ୪।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କାର୍ଯ୍ୟାଳୟ ଉପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗରେ ଭିଜିଲାନ୍ସର ଏକ ଟିମ୍ ଶୁକ୍ରବାର ପୂର୍ବାହ୍ନରେ ଚଢାଉ କରିଛି। ଦୁଇମାସ ପୂର୍ବରୁ ଏହି ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ୍ ବ୍ଲକ ଅଫିସ ଉପରେ ଚଢାଉ କରି ଖାତାପତ୍ର ଯାଞ୍ଚ କରିବା ସହ ବିଡିଓ ମହେଶ ଚୌଧୁରୀଙ୍କୁ ପଚରାଉଚରା କରିଥିବା ଭିଜିଲାନ୍ସ ଡିଏସ୍‌ପି ଏ. କେ. ସାମନ୍ତରାଏ ପ୍ରକାଶ କରିଛନ୍ତି।




## ସଂକ୍ଷେପରେ

### ୫ ବଖରା ସହ ସ୍କୁଟି ଜଳିଗଲା

ଭଣ୍ଡାରିପୋଖରୀ, ୪।୧୦ (ଡି.ଏନ୍.ଏ.): ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ ମଢିଆଳି ପଞ୍ଚାୟତ ଅଧୀନ ବିରିଡ଼ି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସୁକାନ୍ତ ରାଉତ ଓ ପ୍ରଭାତ ରାଉତଙ୍କ ୫ ବଖରା ଚାଳଛପର ଘର ଜଳିଯାଇଛି। ଅଗ୍ନିକାଣ୍ଡରେ ପରିବାରର ସମସ୍ତ ଆସବାପତ୍ର ସମେତ ଏକ ସ୍କୁଟି ମଧ ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ଭଣ୍ଡାରିପୋଖରୀରୁ ଦମକଳ ଆସି ନିଆଁକୁ ଲିଭାଇଥିଲା। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ଘଟିଥିବା ଜଣାଯାଇଛି।

### ଘାସମରା ଔଷଧ ସ୍ପ୍ରେ ଯୋଗୁ ଧାନ ନଷ୍ଟ

#### ଜଣେ ଥାନାରେ ଅଟକ, ୨ ସ୍ପ୍ରେ ମେଶିନ ଜବତ

ବାସୁଦେବପୁର, ୪।୧୦ (ଡି.ଏନ୍.ଏ.): ବାସୁଦେବପୁର ଥାନା ଅଧୀନ ମନ୍ଦାରୀ ଗ୍ରାମର ଅନାଦି ବେହେରା ନାମକ ଚାଷୀଙ୍କ ଧାନ ବିଲରେ ତାଙ୍କର ଜଣେ ସମ୍ପର୍କୀୟ ବ୍ୟକ୍ତି ଶୁକ୍ରବାର ସକାଳେ ଘାସମରା ଔଷଧ ସ୍ପ୍ରେ କରିବାରୁ ୧ ମାଣରୁ ଊର୍ଦ୍ଧ୍ୱ ଧାନ ନଷ୍ଟ ହୋଇଯାଇଛି। ଏ ନେଇ ଅନାଦି ସନ୍ଧ୍ୟାରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଉକ୍ତ ବ୍ୟକ୍ତି ଏଭଳି କାମ କରିଥିବା ସେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଧାନ ବିଲରେ ଘାସମରା ଔଷଧ ସ୍ପ୍ରେ କରିଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇ ଅଟକ ରଖିଛି। ତାଙ୍କଠାରୁ ୨ଟି ବିଷ ସ୍ପ୍ରେ ମେଶିନ ପୋଲିସ ଜବତ କରିଥିବା ସୂଚନା ଦିଆଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

### କୃଷକ ତାଲିମ ଶିବିର

ଭଣ୍ଡାରିପୋଖରୀ, ୪।୧୦ (ଡି.ଏନ୍.ଏ.): ଭଣ୍ଡାରିପୋଖରୀ ବ୍ଲକ ବର୍ୟାଁବନାପୁର ପଞ୍ଚାୟତଠାରେ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ କୃଷକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ବ୍ରଜକିଶୋର ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ଅଭିମନ୍ୟୁ ପରିଡା, ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ଧାନ ଫସଲ କିଭଳି ଅଧିକ ଅମଳ ହୋଇପାରିବ ଓ ରୋଗପୋକ ଦାଉରୁ କୃଷି କ୍ଷେତକୁ ସୁରକ୍ଷା ଦିଆଯାଇପାରିବ ସେନେଇ ସୂଚନା ଦେଇଥିଲେ। କୃଷକ ରବୀନ୍ଦ୍ର କର, ରମେଶ ଦାସ, ରାମଚନ୍ଦ୍ର ପଣ୍ଡା, ଗଙ୍ଗାଧର ସାହୁ ପ୍ରମୁଖ ଚାଷ ସମ୍ପର୍କରେ ମତ ରଖିଥିଲେ। ସେହିପରି ମାଳଦା ପଞ୍ଚାୟତଠାରେ ସରପଞ୍ଚ ରୀତାଞ୍ଜଳି ସାମଲଙ୍କ ସଂଯୋଜନାରେ କୃଷକ ତାଲିମ ଶିବିର ହୋଇଥିଲା। ଚତୁର୍ଭୁଜପୁର, ମାଳଦା, ଶାରଣା, ଜଳହରୀ ଓ ବିରୋଳି ଅଞ୍ଚଳର ବହୁ ଚାଷୀ ଶିବିରରେ ଯୋଗ ଦେଇଥିଲେ।

### ଅଣଅନୁଦାନପ୍ରାପ୍ତ କଲେଜ ଅଧାପକ ସଂଘର ବୈଠକ

ତିହିଡ଼ି, ୪।୧୦ (ଡି.ଏନ୍.ଏ.): ତିହିଡ଼ି ବ୍ଲକ କମାରିଆ ବଜାରସ୍ଥିତ ବ୍ରାଇଟ୍ ଫ୍ୟୁଚର ଷ୍ଟଡି ସର୍କଲରେ ଶୁକ୍ରବାର ଅଣଅନୁଦାନପ୍ରାପ୍ତ କଲେଜ ଅଧାପକ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ରବିନାରାୟଣ କରଣ ଏଥିରେ ପୌରୋହିତ୍ୟ କରିଥିଲେ। ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଆଭିମୁଖ୍ୟ, ଅଗ୍ରଗତି, ଶୀତକାଳୀନ ବିଧାନସଭା ଅଧିବେଶନରେ ସଂଘର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ରାଜ୍ୟ କୋଷାଧକ୍ଷ ଦିବ୍ୟକାନ୍ତ ତ୍ରିପାଠୀଙ୍କ ସମେତ ଘଣ୍ଟେଶ୍ୱର ଜୁନିୟର କଲେଜ, ମତୋ ଡିଗ୍ରୀ, ଚାନ୍ଦବାଲି, ରାଧାକାନ୍ତ ବେହେରା କଲେଜର ଅଧାପିକା ଓ ଅଧାପକ ଯୋଗଦେଇ ଆଗାମୀ ଦିନରେ ସଂଘର କର୍ମକର୍ତ୍ତା ଏକଜୁଟ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଜିଲା ସଭାପତି ରୂପେ ମୃତ୍ୟୁଞ୍ଜୟ ଦାସ, ସମ୍ପାଦକ ଶଶାଙ୍କ ଶେଖର ନାୟକ ଓ ସଂଯୋଜକ ଭାବେ ଭାରତୀ ସାହୁ ମନୋନୀତ ହୋଇଥିଲେ।

# ୪ ଶହ ବର୍ଷରେ କଲ୍ୟାଣୀନଗରୀ ଦୁର୍ଗାପୂଜା

ଧାମନଗର, ୪।୧୦ (ଡି.ଏନ୍.ଏ.)


ମା’ଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ଶିଳ୍ପୀ।

■ ଝୁଣାଜଳା ପର୍ବ ନିଆରା | ■ ବଙ୍ଗୀୟ ରୀତିରେ ହୁଏ ପୂଜାର୍ଚ୍ଚନା

ରଙ୍ଗିନ ଆଲୋକମାଳାରେ ଝଲସିଲାଣି ପୂଜା ମଣ୍ଡପ। ମଣ୍ଡପରେ ମା’ଙ୍କୁ ଆରାଧନା ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଶାରଦୀୟ ଦୁର୍ଗାପୂଜା ପାଇଁ ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବ୍ଲକର ସର୍ବପୁରାତନ କଲ୍ୟାଣୀ ନଗରୀ ଦୁର୍ଗାପୂଜା ୪ ଶହ ବର୍ଷରେ ପଦାର୍ପଣ କରିଛି। ଶୁକ୍ରବାରଠାରୁ ଷଷ୍ଠୀ ଅବସରରେ ବିଲ୍ୱବରଣୀ କରାଯାଇଛି। ସପ୍ତମୀରେ ନବପତ୍ରିକା ପୂଜା ସାଙ୍ଗକୁ ବିଶାଳ କଳସ ଶୋଭାଯାତ୍ରା ବାହାରି ରେବ ନଦୀର ଦେବୀଘାଟରୁ ଜଳ ଉଠାଯିବ। କଳସ ବୁଡ଼ା ପରେ ମା’ଙ୍କର ଚକ୍ଷୁଦାନ ଓ ପରେ ଗୋଟିଏ କଖାରୁ ବଳି ଦିଆଯାଇ ସାଧାରଣ କଖାରୁ ବଳି ଆରମ୍ଭ ହେବ। ବିଶୁଦ୍ଧ ପଞ୍ଜିକା ଅନୁସାରେ ପାରମ୍ପରିକ ପୂଜାପାଠ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ଚଳିତବର୍ଷ ପ୍ରସିଦ୍ଧ ଝୁଣାଜଳା ପର୍ବ ପାଇଁ ସମୟ ନିର୍ଘଣ୍ଟ ହୋଇଛି।

ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ଦତ୍ତ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ପ୍ରସିଦ୍ଧ ଝୁଣାଜଳା ପର୍ବ ମହାଷ୍ଟମୀ ତିଥି ରବିବାର ଅପରାହ୍ନ ୨ଟା ୩୧ରେ ଆରମ୍ଭ ହେବ। ୩ ଟା ୧୯ ପର୍ଯ୍ୟନ୍ତ ସାର୍ବଜନୀନ ଝୁଣାଜଳା ପର୍ବ ଅନୁଷ୍ଠିତ ହେବ। ଏହି ପର୍ବରେ ପୂର୍ବରୁ ଉକ୍ତ ଗ୍ରାମର ମହିଳାମାନେ ନିର୍ଦ୍ଦିଷ୍ଟ ସମୟରେ ଉପବାସ ରହି ମଣ୍ଡପକୁ ଆସିଥାନ୍ତି। ଧାଡ଼ି ଧାଡ଼ି ହୋଇ ମହିଳାମାନେ ବସିବା ପରେ ସେମାନଙ୍କ ମୁଣ୍ଡ ଉପରେ ଏକ ମୁଟୁଳା ଦିଆଯାଇ ଝୁଣାଦାନୀକୁ ରଖାଯାଏ। ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସମ୍ମୁଖରେ ମହିଳାମାନେ ମୁଣ୍ଡ ଉପରେ ଝୁଣା ଦାନୀ କିମ୍ବା ମାଟି ପଲମ ରଖି ତା ଉପରେ ନିଆଁ ଦେଇ ଝୁଣା ପକାଇଥାନ୍ତି। ବହିରାଗତ ଭକ୍ତମାନେ ଝୁଣା ଆଣି ଝୁଣାଦାନୀରେ ପକାନ୍ତି। ଝୁଣାଜଳା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରିବେଶ ସମ୍ପୂର୍ଣ୍ଣ ଝୁଣା ଧୂଆଁମୟ ଦୃଶ୍ୟ ନିଆରା। ପୂର୍ବରୁ ଏଥିରେ କେବଳ ସ୍ଥାନୀୟ ମହିଳା ଭାଗ ନେଇ ଆସୁଥିବାବେଳେ ଏବେ ବାହାର ମହିଳା ଭକ୍ତଙ୍କୁ ସୁଯୋଗ ଦିଆଯାଉଛି। ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତିରେ ପୂଜା ହୋଇଥାଏ ବୋଲି ସଭାପତି ପାଣ୍ଡବ ଦତ୍ତ ପ୍ରକାଶ କରିଛନ୍ତି। ଅଷ୍ଟମୀରେ ସନ୍ଧିପୂଜା ଏବଂ ନବମୀରେ ନବମୀ ପୂଜା ସହିତ ହଜାର ହଜାର କଖାରୁ ବଳି ଦିଆଯିବ। ଦଶହରା ଦିନ କଖାରୁ ବଳି ନ ପଡ଼ି ଆଖୁ, କାକୁଡ଼ି ଏବଂ ଜହ୍ନି ବଳି ଦିଆଯିବ। ଦଶହରା ରାତିରେ ବିସର୍ଜନ ପରେ ଏକାଦଶୀ ତିଥିରେ ଭସାଣି ପର୍ବ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖନୀୟ ଯେ, କଲ୍ୟାଣୀନଗରୀରେ ଦୁର୍ଗାପୂଜା ଶହ ଶହ ବର୍ଷ ଧରି ସମ୍ପୂର୍ଣ୍ଣ ବଙ୍ଗୀୟ ରୀତିରେ ଅନୁଷ୍ଠିତ ହୋଇଆସୁଛି। ପ୍ରାୟ ୪ଶହ ବର୍ଷ ତଳେ ବଙ୍ଗଳାର ବର୍ଦ୍ଧମାନ ଜିଲାରୁ କେତେକ ବଙ୍ଗୀୟ ପରିବାର ଏଠାକୁ ଆସି ବସତି ସ୍ଥାପନ କରିଥିଲେ। ଅନୁକୂଳ ପରିବେଶ ଯୋଗୁ ସେମାନେ ପାନ ବରଜ ଆରମ୍ଭ କରି ଜୀବିକା ନିର୍ବାହ କରିଆସୁଛନ୍ତି। ସେବେଠାରୁ ଉକ୍ତ ବଙ୍ଗୀୟ ପରିବାରଙ୍କ ଦ୍ୱାରା ପାର୍ବଣ ପୂଜା ଆରମ୍ଭ ହୋଇଥିଲା। ପୂର୍ବରୁ ଝାଟିମାଟି ଘରେ ପୂଜା ହୋଇଆସୁଥିଲା। ଏବେ ସ୍ଥାୟୀ ମନ୍ଦିର, ବିଶାଳ ନାଟ ମଣ୍ଡପ କରାଯାଇ ମା’ଙ୍କୁ ଆରାଧନା କରାଯାଉଛି।

## ଜୟଦୁର୍ଗା ବେଶରେ ମା’


ଆରଡ଼ି ଆଖଣ୍ଡଳମଣି ପୀଠରେ ଶୁକ୍ରବାର ମା’ ଦୁର୍ଗାଙ୍କ ଜୟଦୁର୍ଗା ବେଶ।

## ଜମାଖାତାରୁ ୬୬,୮୧୩ ଟଙ୍କା ଗାଏବ

ବନ୍ତ, ୪।୧୦ (ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରୁ ଜଣେ ଗ୍ରାହକଙ୍କର ୬୬ ହଜାର ୮୧୩ ଟଙ୍କା ଗାଏବ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଗ୍ରାହକ ହେଲେ ଟିଲୋ ଦେବତାଗଡିଆ ଗ୍ରାମର କ୍ଷେତ୍ରବାସୀ ରଣା। ସେ ଏ ନେଇ ବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଙ୍କ ଜମାଖାତାରୁ ଗାଏବ ହୋଇଥିବା ଟଙ୍କା ଫେରସ୍ତ ପାଇଁ ସେ ଦାବି କରିଛନ୍ତି।

କ୍ଷେତ୍ରବାସୀ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଉକ୍ତ ବ୍ୟାଙ୍କ ଜମାଖାତାରେ ୬୬ ହଜାର ୮୧୩ ଟଙ୍କା ଥିଲା। ସେ ଡାକ୍ତରୀ ଚିକିତ୍ସା ପାଇଁ ଗୁରୁବାର ସମ୍ପୃକ୍ତ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବାକୁ ଆବେଦନ କରିଥିଲେ। ବ୍ୟାଙ୍କର ଶାଖା କର୍ମଚାରୀ ତାଙ୍କ ଜମାଖାତା ଦେଖି ଆକାଉଣ୍ଟରୁ ସବୁ ଟଙ୍କା ଏଟିଏମ୍ କାର୍ଡ ସହାୟତାରେ ଉଠାଇ ନିଆଯାଇଥିବା କହିଥିଲେ। କ୍ଷେତ୍ରବାସୀ କୌଣସ ଏଟିଏମ୍ କାର୍ଡ ପାଇ ନ ଥିବାବେଳେ କିପରି ତାଙ୍କ ଜମାଖାତାରୁ ଏଟିଏମ୍ ସହାୟତାରେ ଟଙ୍କା ଉଠାଣ ହେଲା ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପୂର୍ବରୁ ସମ୍ପୃକ୍ତ ବ୍ୟାଙ୍କରେ ବହୁ ଗ୍ରାହକଙ୍କ ନିକଟକୁ ଡାକ ଯୋଗେ ଏଟିଏମ୍ କାର୍ଡ ପଠାଯାଉଥିବାବେଳେ ସେ କୌଣସି ଏଟିଏମ୍ କାର୍ଡ ପାଇ ନ ଥିବା କହିଛନ୍ତି। ଉକ୍ତ ବ୍ୟାଙ୍କରୁ ତାଙ୍କ ନାମରେ ଏଟିଏମ୍ କାର୍ଡ ଯାଇଛି କି ନାହିଁ, ଯଦି ଯାଇଛି ତେବେ କିଏ ନେଇଛନ୍ତି ନା ବ୍ୟାଙ୍କ ଶାଖାର କୌଣସି କର୍ମଚାରୀ ଏଭଳି କରିଛନ୍ତି ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ରାମନାରାୟଣ ମହାନ୍ତିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଫିଟ୍ ଇଣ୍ଡିଆ ପ୍ଲଗିଂ ରନ୍

ଭଦ୍ରକ ଅଫିସ, ୪।୧୦

ବିଜୁ ଯୁବ ବାହିନୀ ପକ୍ଷରୁ ଫିଟ୍ ଇଣ୍ଡିଆ ପ୍ଲଗିଂ ରନ୍- ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ବାହିନୀର ଶତାଧିକ ସ୍ୱେଚ୍ଛାସେବୀ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ଲୋକଙ୍କୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ସଚେତନତାର ବାର୍ତ୍ତା ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ, ଭଦ୍ରକ ବିଡିଓ ଉମେଶ ଚନ୍ଦ୍ର ମଲ୍ଲିକ ଓ ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।

## ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

ଭଦ୍ରକ ଅଫିସ, ୪।୧୦

ଭଦ୍ରକ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ବିଭାଗୀୟ ସମ୍ମିଳନୀ କକ୍ଷ ପରିସରରେ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲସ୍ତରୀୟ ପିଲାଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଠିକ୍ ଉତ୍ତର ଦେଇଥିବା ୫୦ ପ୍ରତିଯୋଗୀ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ଅବୈତନିକ ବନ ସଂରକ୍ଷକ ସୁଧୀର ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଇକୋ କ୍ଲବ ସଭାପତି ଅନୀଲ କୁମାର ମିଶ୍ର, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ସୁଜାତା ମିଶ୍ର, ବନ ସଂରକ୍ଷକ ଡ. ବିଶ୍ୱାଳ ଚିଟିଲିଚି, ଉପ ବନ ସଂରକ୍ଷକ ବିରାଜ ମୋହନ ମହାନ୍ତି ଯୋଗଦେଇ ବୃକ୍ଷରୋପଣ, ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଭଦ୍ରକ ବନାଞ୍ଚଳ ଅଧିକାରୀ ରଞ୍ଜିତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ହତ୍ୟା ଧମକ ନେଇ ମାମଲା

ବନ୍ତ, ୪।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ କାର୍ଯ୍ୟାଳୟରେ ଗତ ବୁଧବାର ଗ୍ରାମସଭା ଚାଲୁଥିବା ବେଳେ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବନ୍ତ ଥାନା ପୋଲିସ ଗୁରୁବାର ଦଫା ୩୪୧, ୨୯୪, ୩୫୩, ୫୦୬ ଆଇପିସି/ଦଫା ୩(୧)(ଆର୍)(ଏସ୍)/୩(୨)ଏସ୍‌ସି/ଏସ୍‌ଟି ଆକ୍ଟରେ ମାମଲା(ନଂ.୧୧୫/୧୯) ରୁଜୁ କରିଛି। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଘଟଣାର ତଦନ୍ତ କରୁଛନ୍ତି।

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀକ୍ଷା ତ୍ରିପାଠୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସରକାରୀ ନିୟମ ଅନୁସାରେ ସେଦିନ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଚାଲୁଥିଲା। ବସନ୍ତିଆ ଗ୍ରାମର ପ୍ରଦୀପ କୁମାର ପଣ୍ଡା ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାଗଜପତ୍ର ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ବିରୋଧ କରିବାରୁ ସେମାନଙ୍କୁ ମଧ ସେ ଗାଳିଗୁଲଜ କରିଥିଲେ। ଉପସ୍ଥିତ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରିବା ସହ ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

## ପ୍ରଶିକ୍ଷଣ ନେଲେ ସ୍ୱୟଂସହାୟକ ଗୋଷ୍ଠୀ ମହିଳା, କର୍ମଚାରୀ


ଶିବିରରେ ଉପସ୍ଥିତ ପ୍ରଶିକ୍ଷକମାନେ।

ବନ୍ତ, ୪।୧୦ (ଡି.ଏନ୍.ଏ.)

ବନ୍ତ ପ୍ରାଣୀ ଚିକିତ୍ସାଳୟ ପରିସରରେ ଡିପ୍ ଲିଟର ପଦ୍ଧତି ମାଧ୍ୟମରେ ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ବନ୍ଧୀୟ ଦୁଇଦିନିଆ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ସ୍ୱୟଂସହାୟକ ଗୋଷ୍ଠୀର ୩୨ ମହିଳାଙ୍କ ସହ ପ୍ରାଣୀମିତ୍ର, ଗୋମିତ୍ର, ପ୍ରାଣୀଧନ ନିରୀକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଡିଓ ରେବେକା ବିଲୁଙ୍ଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ରେଣୁବାଳା ଦାଶ ଓ ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳିକା ସସ୍ମିତା ଦାଶ ଯୋଗ ଦେଇଥିଲେ। ବନ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଉମ୍ବରୁଧର ସାମଲ, ଭଦ୍ରକ ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଜେଶ କୁଅଁର, ଭଣ୍ଡାରିପୋଖରୀ ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦେବାଶିଷ ଜେନା, ବନ୍ତ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. କମଳଲୋଚନ ବେହେରା, ଆଗରପଡ଼ା ପ୍ରାଣୀ ଚିକିତ୍ସାଧିକାରୀ ଚିତ୍ତରଞ୍ଜନ ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଓଡ଼ଙ୍ଗ ପ୍ରାଣୀଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ, ବସନ୍ତିଆ ପ୍ରାଣୀଧନ ନିରୀକ୍ଷକ କୃଷ୍ଣଚନ୍ଦ୍ର ଲେଙ୍କା, ତୁଣ୍ଡାର ସୋମନାଥ ନାୟକ, ଗଣିଜାଙ୍ଗର କାହ୍ନୁଚରଣ ମିଶ୍ର, ଭଣ୍ଡାରିପୋଖରୀର ପ୍ରଶାନ୍ତ ରାଉତ, ଯୁବରାଜ ପାତ୍ର, ନାରାୟଣ ସାହୁ, ଶଶିକାନ୍ତ ନାୟକ ଏବଂ କର୍ମଚାରୀ ଶରତ ସାହୁ, ବାବନ ମହାକୁଡ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

## ‘ନୀଳମଣି ଥିଲେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ’


ପଢୁଁଆରେ ଅନୁଷ୍ଠିତ ସ୍ମୃତିସଭା।

ବାସୁଦେବପୁର, ୪।୧୦ (ଡି.ଏନ୍.ଏ.)

ବାସୁଦେବପୁରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୫ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପଢୁଁଆ ସରପଞ୍ଚ ତଥା ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାଶ ଏଥିରେ ଯୋଗଦେଇ କହିଥିଲେ, ସ୍ୱର୍ଗତ ରାଉତରାୟ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଜଣେ ଦରଦୀ ମଣିଷ ଭାବେ ସେ ଜଣାଶୁଣା ଥିଲେ। ପୂର୍ବତନ ସରପଞ୍ଚ ଭାଗୀରଥି ବଳ ସ୍ୱର୍ଗତ ରାଉତରାୟ ଜଣେ ଦେଶ ଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ମତ ରଖି ସେ ବାସୁଦେବପୁର ଅଞ୍ଚଳ ପାଇଁ ଆଲୋକବର୍ତ୍ତିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଯୁବ ବିଜେଡି ଉପସଭାପତି ଦେବଦର୍ଶନ ଦାଶ, ଜିଲାପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ଭାଗୀରଥି ନାୟକ, ନିର୍ମଳ ମଣ୍ଡଳ, ପୂର୍ବତନ କାଉନସିଲର ମାନସ ସାହୁ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ପୂର୍ବତନ କାଉନସିଲର ବିଦ୍ୟାଧର ବେହେରା, ସରୋଜ ଷଡ଼ଙ୍ଗୀ, ସମିତିସଭ୍ୟ ଚିନ୍ମୟ ବାରିକ, ଦୁର୍ଯ୍ୟୋଧନ ବେହେରା ଓ ପ୍ରଭୁଦତ୍ତ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭଣ୍ଡାରିପୋଖରୀ, ୪।୧୦ (ଡି.ଏନ୍.ଏ.)

ବିଜେଡିର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ଦଳୀୟ କର୍ମୀମାନେ ବ୍ଲକ ଛକଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୋଭାଯାତ୍ରାରେ ବାହାରିଥିଲେ। ଦକ୍ଷିଣବାଡ଼ ପଞ୍ଚାୟତର ମନୋହରପୁର, ଫତେପୁର ଆଦି ଗ୍ରାମ ପରିକ୍ରମା ପରେ ରେବସ୍ଥିତ ମୋ ଖଳାଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ଦେବେନ୍ଦ୍ର ଦାଶ, ଲଳିତ ରାଉତ, ରଶ୍ମିତା ପାଢୀ, ରଘୁନାଥ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସଭାରେ ଲକ୍ଷ୍ମୀଧର ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ଇଂ. ସ୍ୱର୍ଣ୍ଣଲତା ନାୟକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରୟାସକାନ୍ତ ସାମଲ, ରଘୁନାଥ ପଣ୍ଡା, ଜିଲାପରିଷଦ ସଭ୍ୟା ସଞ୍ଜୁ ପୂର୍ତ୍ତି ଓ ରଶ୍ମିତା ପାଢୀ ପ୍ରମୁଖ ଯୋଗ ଦେଇଥିଲେ।


ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

## ■ ମିଳିଲାନି ଫନୀ ସହାୟତା

# କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ ଚାଷୀ

ତିହିଡ଼ି, ୪।୧୦ (ଡି.ଏନ୍.ଏ.)


ତହସିଲ ଅଫିସ୍ ଆଗରେ କ୍ଷତିଗ୍ରସ୍ତ ଚାଷୀ।

ଫନୀ ବାତ୍ୟା ପରେ ସହାୟତା ମିଳି ନ ଥିବା ପ୍ରତିବାଦରେ ତିହିଡ଼ି ତହସିଲ ଅଧୀନ କାଁପଡ଼ା ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ବ୍ଲକ ସହାୟକ କୃଷି ଅଧିକାରୀଙ୍କୁ ଜଣାଇବାକୁ ତହସିଲଦାର ଅନିତା ନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ଚାଷୀମାନେ ସହକାରୀ କୃଷି ଅଧିକାରୀ ଅନ୍ତର୍ଯାମୀ ଧୀରଙ୍କୁ ଭେଟି ଏ ବିଷୟରେ ଜଣାଇଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ସେମାନେ ଯାହା ନିର୍ଦ୍ଦେଶ ଦେବେ ତଦନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଅଧିକାରୀ ଧୀର କହିଥିବା ଜଣାଯାଇଛି।

ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କାଁପଡ଼ା ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତ ଭାବେ ପରିଗଣିତ ହୋଇଥାଏ। ମୁଖ୍ୟତଃ ଧାନ ଚାଷ ଉପରେ ପଞ୍ଚାୟତବାସୀ ନିର୍ଭର କରନ୍ତି। ଗତ ଫନୀ ବାତ୍ୟାରେ ପଞ୍ଚାୟତର ଅଧିକାଂଶ ଚାଷୀଙ୍କର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ସେମାନଙ୍କ ଆର୍ଥିକ ଅବସ୍ଥା ଦୋହଲି ଯାଇଥିଲା। ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପଞ୍ଚାୟତର ତଦନ୍ତକାରୀ ଅଧିକାରୀ ମନମୁଖି ଭାବେ କ୍ଷୟକ୍ଷତି ରିପୋର୍ଟ ଦେଇଥିବାରୁ ଅଧିକାଂଶ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଭିନ୍ନ ସମୟରେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ମଧ ସେମାନେ କୌଣସି ସୁଫଳ ପାଇପାରି ନାହାନ୍ତି। ବସନ୍ତ ମଳିକ, ଗଣେଶ ମଳିକ, ଦାଶରଥି ମଳିକ, ପଦ୍ମଲୋଚନ ମଳିକ, ରମାକାନ୍ତ ମଳିକଙ୍କ ନେତୃତ୍ୱରେ ଭିକାରୀ ଦାସ, ସୁଦର୍ଶନ ଦାସ, ଅମୂଲ୍ୟ ଦାସ, ମାଣିକ ଦାସ, ଜ୍ୟୋତ୍ସ୍ନା ଦାସ, ରଞ୍ଜିତା ଦାସ, ସାରଥୀ ଦାସ ପ୍ରମୁଖ ଶତାଧିକ ଚାଷୀ ତହସିଲ କାର୍ଯ୍ୟାଳୟ ଘେରାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ବୈଷୟିକ ଶିକ୍ଷାନୁଷ୍ଠାନରେ ପୁଣି ଛାତ୍ରଅଶାନ୍ତି

ଚିତ୍ରଡା,୪।୧୦(ଡି.ଏନ୍.ଏ.)- ମୋରଡ଼ା ବ୍ଲକ ଅଞ୍ଚଳର ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। କିଛି ଦିନ ତଳେ ଛାତ୍ରୀଛାତ୍ରଙ୍କ ନାମରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବ୍ୟାଙ୍କରୁ ଋଣ କରିବା ନେଇ ଅଭିଯୋଗ ହୋଇଥିଲା। ଏଥିନେଇ ଶତାଧିକ ଛାତ୍ର ଚାଲିଚାଲି ବାରିପଦା ଯାଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ ପାଇଁ ଜିଲାପାଳ ଏକ ୩ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ତଦନ୍ତ ପାଇଁ ଉକ୍ତ ଶିକ୍ଷାନୁଷ୍ଠାନକୁ ମଧ ଆସିଥିଲେ। ଏଥିନେଇ ଜଣେ ଛାତ୍ର ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ନାମରେ ଥାନାରେ ମାମଲା ରୁଜୁ କରିଥିଲେ। ତେବେ ଗୁରୁବାର ଏହି ଘଟଣା ଭିନ୍ନମୋଡ଼ ନେଇଥିଲା। ଥାନାରେ ଅଭିଯୋଗ କରିଥିବା ଛାତ୍ରଙ୍କ ଅନୁପସ୍ଥିତିରେ ଶିକ୍ଷାନୁଷ୍ଠାନର ୧୯ ଜଣ ଛାତ୍ର ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସପକ୍ଷରେ ସଫେଇ ଦେଇଥିଲେ। ଏଥିନେଇ ଜିଲାପାଳଙ୍କ ନିକଟକୁ କ୍ଷମାପ୍ରାର୍ଥନା ପତ୍ର ପଠାଇ ଥାନାରୁ ମାମଲା ପ୍ରତ୍ୟାହର କରିବା ପାଇଁ ଅନୁରୋଧ କରିଥିଲେ। ଶୁକ୍ରବାର ପୁଣି ଜଣେ ଛାତ୍ର ତହସିଲଦାରଙ୍କୁ ଭେଟି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ କରିଛନ୍ତି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଚାପରେ ସେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା କ୍ଷମାପ୍ରାର୍ଥନା ପତ୍ରରେ ଦସ୍ତଖତ କରି ତହସିଲଦାରଙ୍କୁ ଭେଟିଥିବା କହିଛନ୍ତି। ଏଥିନେଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ମୁହଁ ଖୋଲି ନାହାନ୍ତି।

### ବନ୍ଦ ହେବ ୬୬ ବେଆଇନ ପଥର ଖାଦାନ

ବାଙ୍ଗିରିପୋଷି,୪।୧୦(ଡି.ଏନ୍.ଏ.)- ବାଙ୍ଗିରିପୋଷି ତହସିଲ ଅଧୀନରେ ଥିବା ୬୬ଟି ବେଆଇନ ପଥର ଖାଦାନ ଖୁବ ଶୀଘ୍ର ବନ୍ଦ ହେବ ବୋଲି ଅତିରିକ୍ତ ତହସିଲଦାର ସାହେବରାମ ବାସ୍କେ କହିଛନ୍ତି। ଶିମଳିପାଳ ଜୈବମଣ୍ଡଳଠାରୁ ୧୦ କି.ମି ଦୂରରେ କୌଣସୀ ପଥର ଖାଦାନ ହୋଇ ପାରିବ ନାହିଁ ବୋଲି ଆଇନ ଥିଲେ ମଧ ବାଙ୍ଗିରିପୋଷି ତହସିଲ ଅଧୀନରେ ଏହି ବେଆଇନ ପଥର ଖାଦାନଗୁଡିକ ଚାଲୁଥିବା ଜଣାପଡିଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଗତ ୨୬।୭।୧୯ ରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଫଓ ବାରିପଦା ଏବଂ ୫ଟି ବନାଞ୍ଚଳ ଅଧିକାରୀ, ସଂପୃକ୍ତ ଅଞ୍ଚଳର ତହସିଲଦାର, ଥାନା ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତ ଥାଇ ଏହି ନିଷ୍ପତ୍ତି ହୋଇଥିଲା। ଏହି ବେଆଇନ ପଥର ଖାଦାନଗୁଡିକ ସରକାରୀ ଜମି ଉପରେ ଥିବା ଜଣା ଯାଇଛି।

### ବୈଶିଙ୍ଗାରେ ବଢୁଛି ବାଇକ୍ ଚୋରି

ବୈଶିଙ୍ଗା,୪।୧୦(ଡି.ଏନ୍.ଏ.): ପ୍ରାୟ ଏକ ମାସର ବ୍ୟବଧାନ ପରେ ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ବାଇକ୍ ଚୋର ପୁଣି ସକ୍ରିୟ ହୋଇ ଉଠିଛନ୍ତି। ଗତ ଅଗଷ୍ଟ ୧୭ ଓ ୧୮ ତାରିଖରେ ଥାନାଠାରୁ ମାତ୍ର ୫୦୦ ମିଟର ଦୂରରୁ ୩ଟି ବାଇକ୍ ଚୋରି ହୋଇଥିଲା। ବୁଧବାର ରାତିରେ ବୈଶିଙ୍ଗାରେ ଭଡ଼ାରେ ରହୁଥିବା ଅନନ୍ତ ବିଶ୍ୱାଳଙ୍କ ନୂଆ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ୍ ଚୋରି ହୋଇଯାଇଛି। ଏଥିନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ କୌଣସି ଗୋଟିଏ ହେଲେ ଘଟଣାରେ ପୋଲିସକୁ ସଫଳତା ମିଳିପାରି ନାହିଁ। ଏଥିନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ରାସ୍ତା ଅବସ୍ଥା ଶୋଚନୀୟ



କୁଆମରା,୪।୧୦(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ପଞ୍ଚାୟତର କୁଣ୍ଡାପଡା ଗ୍ରାମର ୭ ନମ୍ବର ୱାର୍ଡ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଫଳରେ ୧୧ଟି ପରିବାର ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ଉଦଳା- ବାଲେଶ୍ୱର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଭୈରବୀ ପୀଠରୁ ଉମାପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ଦୁଇ ଶହ ମିଟର ରାସ୍ତା ଅଧିକ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ୫ ବର୍ଷ ହେଲା ମୋରମ ଗଣ୍ଡାଏ ପଡ଼ିପାରି ନାହିଁ। ବର୍ଷାପାଣି ଜମି ରାସ୍ତାଟି କାଦୁଅ ପଚପଚ ହେବା ସହ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ରାସ୍ତାରେ ୪ ଚକିଆ ଯାନ ତ ଦୂରର କଥା ବାଇକ କିମ୍ବା ସାଇକେଲଟିଏ ମଧ ଯିବା କଷ୍ଟକର ହୋଇପଡୁଛି। ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ଗ୍ରାମର ଗଙ୍ଗାଧର ବେହେରା, କ୍ଷିତିଶ ଚନ୍ଦ୍ର ମହାପାତ୍ର, ଗଜେନ୍ଦ୍ର ବେହେରା, ବାଇଧର ବେହେରା, ଶୁକୁରା ସିଂ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସମିତି ସଭ୍ୟ ତଥା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ମହାରଣାଙ୍କୁ ପଚାରିବାରୁ ବର୍ଷାଋତୁ ପରେ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

# ବେଲଗଛ ମୂଳେ ମା’ ଭୁବନେଶ୍ୱରୀ

ବାରିପଦା ଅଫିସ, ୪।୧୦

**■ନବରାତ୍ରରେ ସ୍ୱତନ୍ତ୍ର ପୂଜା**
**■ଆଶୀର୍ବାଦ ଭିକ୍ଷା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼**



ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ଦେବୀ ମା’ ଭୁବନେଶ୍ୱରୀ। ଏହାଛଡା ସେ ସମସ୍ତ ଗ୍ରହର ଦେବୀ ଭାବେ ପରିଚିତ। ବାରିପଦା ସହରର ତକତପୁରରେ ଏକ ବେଲ ଗଛ ମୂଳରେ ପୂଜା ପାଉଛନ୍ତି। ନବରାତ୍ର ଅବସରରେ ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ଏଠାରେ ପଞ୍ଚମୀରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି ଷଷ୍ଠୀରେ ସମସ୍ତ ପୂଜା ମଣ୍ଡପରେ ଦେବୀଙ୍କ ବିଲ୍ୱବରଣ କରାଯାଉଥିବା ବେଳେ ଏଠାରେ କିନ୍ତୁ ମା’ ବେଲ ଗଛ ମୂଳରେ ପୂଜା ପାଉଥିବାରୁ ବିଲ୍ୱବରଣ କରାଯାଏ ନାହିଁ। ସେହିପରି ଅଷ୍ଟମୀରେ ହୋମ ଯଜ୍ଞ ସହିତ ଚଣ୍ଡୀଙ୍କ ୭୦୦ ଶ୍ଳୋକରେ ଆହୂତି ଅନୁଷ୍ଠିତ ହୋଇଥାଏ। ନବମୀରେ ପୂଜା ଆହୂତି ହୋଇଥାଏ। ନବରାତ୍ର ଆରମ୍ଭରୁ ଘଟ ସ୍ଥାପନ ହେବା ପରେ ଶୈଳୀପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀ ନବଦୁର୍ଗା, ସିଦ୍ଧିଦାତ୍ରୀ ଏବଂ ଗୌରୀ ଓ ଅପରାଜିତା ବେଶରେ ମା’ ପୂଜା ପାଇଥାନ୍ତି। ପୂଜକ ଗଣେଶ ଚନ୍ଦ୍ର ଦାସଙ୍କ କହିବା ମୁତାବକ ୧୯୯୫ରେ ମା’ଭୁବନେଶ୍ୱରୀ ତକତପୁରସ୍ଥିତ ବେଲଗଛରେ ତାଙ୍କୁ ପୂଜା କରିବା ପାଇଁ ସ୍ୱପ୍ନାଦେଶ ଦେଇଥିଲେ। ପରେ ଗୁରୁ ପରିକ୍ଷିତ ଦାସଶର୍ମାଙ୍କ ଠାରୁ ଦଶମହାବିଦ୍ୟା ଶିକ୍ଷା ଲାଭ କରିବା ପରେ ବେଲଗଛ ମୂଳରେ ମା’ଙ୍କୁ ସ୍ଥାପନ କରିଥିଲେ। ୨୦୦୦ଠାରୁ ମା’ଙ୍କ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରାଯାଇ ଏଠାରେ ପୂଜାର୍ଚ୍ଚନା କରାଯାଉଛି। ନବରାତ୍ରରେ ପ୍ରତିଦିନ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ।

ହରିଶ୍ଚନ୍ଦ୍ର ଯୋଜନାରେ ଅନିୟମିତତା

## ବରିଷ୍ଠ ନାଗରିକଙ୍କ ଅନଶନ

କୋଷ୍ଟା,୪।୧୦(ଡି.ଏନ୍.ଏ.)

ହରିଶ୍ଚନ୍ଦ୍ର ଯୋଜନାରେ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ୨ ତାରିଖରେ କୋଷ୍ଟା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧୀବାଦି ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଦତ୍ତ ଅନଶନରେ ବସିଥିଲେ। ଖବରପାଇ ଶୁଳିଆପଦା ବ୍ଲକ ଅଧକ୍ଷ ଠୁମ୍ପୁ ହେମ୍ବ୍ରମ୍, ୫୩ ନଂ. ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ବିଡିଓ ପରିକ୍ଷୀତ ଜେନା ପ୍ରମୁଖ ପହଞ୍ଚି ଥିଲେ। ସରପଞ୍ଚ ଚନ୍ଦ୍ରମୋହନ ନାଏକ ୩୭ଟି ପରିବାରକୁ ବକେୟା ସମସ୍ତ ଦେୟ ପ୍ରଦାନ କରିଥିବା ଏକ ପତ୍ର ଦେଖାଇଥିଲେ। ପରେ ବିଡିଓ ବୁଝାସୁଝା କରିବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା।



ବାରିପଦାସ୍ଥିତ ମା’ ଅମ୍ବିକାଙ୍କ କାତ୍ୟାୟନୀ ବେଶ।

**■୨୪ ସ୍ଥାନରେ ପୂଜା ପାଇବେ ମା’**

## ମେଢ଼, ତୋରଣରେ ଝଲସୁଛି ମଣ୍ଡପ

ବଡ଼ସାହି,୪।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ଗାଁ ଗଣ୍ଡାରେ ମା’ଦୁର୍ଗାଙ୍କର ପୂଜା ଆରମ୍ଭ ହୋଇଯାଇଛି । ରଙ୍ଗବେରଙ୍ଗର ଆଲୋକମାଳା ସହିତ ଆକର୍ଷଣୀୟ ମେଢରେ ପରିବେଶ ଉତ୍ସବ ମୁଖର ହୋଇପଡିଛି। ବିଭିନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକର ୧୪ଟି ସ୍ଥାନରେ ମା’ଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଅବଶିଷ୍ଟ ୧୦ଟି ସ୍ଥାନରେ ଥିବା ମା’ଙ୍କ ପୀଠରେ ପୂଜା ବିଧି ଅନୁଯାୟୀ ଆରମ୍ଭ ହୋଇଛି । ଶୁକ୍ରବାର ବିଲ୍ୱାଧିବାସ ତଥା ଷଷ୍ଠୀ ପୂଜା, ଶନିବାର ଘଟ ଉତ୍ତୋଳନ ସହିତ ସପ୍ତମୀ ପୂଜା, ରବିବାର ମହାଷ୍ଟମୀ, ସୋମବାର ନବମୀ ଓ ମଙ୍ଗଳବାର ବିଜୟା ଦଶମୀ ବା ଦଶମୀ ପୂଜା ଅନୁଷ୍ଠିତ ହେବ। ଚଳିତ ଥର ଏହି ବ୍ଲକର ବଡ଼ସାହି, ତାଳପଦା, ମାଣଡ୍ରୀ, ଦେଉଳିଆ, ସିଂହଟିଆ, ବାଘୁଆପାଳ, ତେନ୍ତୁଳିଗାଁ, ମିରିଗିଦାରୀ, ଶାଳଗାଁ, ରତନପୁର, ଭୀମଦା ଓ ଦୁର୍ଗାପୁର ଆଦି ସ୍ଥାନରେ ଗୋଟିଏ ଲେଖାଏଁ ମେଢ଼ରେ ସାର୍ବଜନୀନ ପୂଜା ହେଉଥିବାବେଳେ ପ୍ରତାପପୁର ଓ ସାନକେରକରେ ଦୁଇଟି ଲେଖାଏ ମେଢ଼ରେ ସାର୍ବଜନୀନ ପୂଜା ହେଉଛି । ସାନକେରକୋଠାରେ ଗୋଟିଏ ସ୍ଥାନରେ ହରପାର୍ବତୀଙ୍କ ପୂଜା ହେଉଛି । ଅନ୍ୟପକ୍ଷରେ କଉଡ଼ିଖଣିଠାରେ ଥିବା ମା’ ହିଙ୍ଗୁଳାଙ୍କ ପୀଠ, ଛେଳିଆଠାରେ ଥିବା ମା’ ହିଙ୍ଗୁଳାଙ୍କ ପୀଠ, ବଦଳି ଗାଁ ଚଣ୍ଡୀ ମନ୍ଦିର, ମାଣଡ୍ରୀ ଗଡ଼ଚଣ୍ଡୀଙ୍କ ପୀଠ, ମାନଗୋବିନ୍ଦପୁର ଚଣ୍ଡୀ ମନ୍ଦିର, କାନପୁରା ଚଣ୍ଡୀ ମନ୍ଦିର ଓ କଖାରୁଆ ବୈଦ୍ୟନାଥ ମନ୍ଦିର ପରିସରରେ ଥିବା ଦୁର୍ଗାଙ୍କ ଠାରେ ‘ପୀଠ’ ପୂଜା ଅନୁଷ୍ଠିତ ହେଉଛି । ସେହିପରି ବଡ଼ସାହି, ସିଂହଟିଆ, ତାଳପଦା, ମାଣଡ୍ରୀ, ଦେଉଳିଆ, ଶାଳଗାଁ, ଦୁର୍ଗାପୁର ଓ ତେନ୍ତୁଳିଗାଁରେ ଦଶହରା ଓ ତହିଁ ପରଦିନ ବିଭିନ୍ନ ସ୍ଥାନରେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ଆଧାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମେଳା ଅନୁଷ୍ଠିତ ହେଉଛି । ବହୁ ମଣ୍ଡପରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ନେଇ ସଚେତନତା ସୃଷ୍ଟି କରାଯାଉଛି । ପୂଜାସ୍ଥଳରେ ପଲିଥିନ ବ୍ୟବହାର ନ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ ବଡ଼ସାହି ଓ ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଗ୍ନିକାଣ୍ଡ ନିରାପତ୍ତା ପାଇଁ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ନେଇ ସଚେତନତା କରାଯାଉଛି।

# ‘ବନ୍ୟପ୍ରାଣୀଙ୍କୁ ଅତିଥି ବୋଲି ଧରାଯାଉ’




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବାରିପଦା ଅଫିସ,୪।୧୦

**■ଜିଲାସ୍ତରୀୟ ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବ**

ଜଙ୍ଗଲରେ ଖାଦ୍ୟ ଅଭାବ ହେଉ କିମ୍ବା ବାଟବଣା ହୋଇ ବନ୍ୟପ୍ରାଣୀମାନେ ଜନବସତିକୁ ଚାଲି ଆସୁଛନ୍ତି। ସଚେତନତା ଅଭାବ ତଥା ଭୟରେ ଲୋକେ ଏହି ବନ୍ୟପ୍ରାଣୀଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରୁଛନ୍ତି। ଫଳରେ ବନ୍ୟପ୍ରାଣୀଙ୍କ ଉତ୍ପାତରେ ଧନଜୀବନ ହାନି ହେଉଥିବା ବେଳେ ସେମାନେ ମଧ ମୃତାହତ ହେଉଛନ୍ତି। ଲୋକେ ମାନସିକତାର ପରିବର୍ତ୍ତନ କରି ବନ୍ୟପ୍ରାଣୀଙ୍କ ପ୍ରତି ସହିଷ୍ଣୁତା ମନୋଭାବ ଦେଖାଇ ସେମାନଙ୍କୁ ଅତିଥି ଭାବେ ବ୍ୟବହାର କରିବା ଆବଶ୍ୟକ। ଏହା ଫଳରେ ବନ୍ୟପ୍ରାଣୀ ଜନବସତିରେ କୌଣସି ଅଘଟଣ ନ ଘଟାଇ ପୁନର୍ବାର ଜଙ୍ଗଲକୁ ଫେରିଯିବେ। ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଜିଲାସ୍ତରୀୟ ୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରସିସିଏଫ ଅମିତାଭ ବ୍ରହ୍ମା, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି, ଏସିଏଫ(ଟ୍ରେନି) ଶ୍ୟାମା ଭାରତୀ, ବାରିପଦା ଏସିଏଫ ମଗର ଧନୁଜରଉସା, କରଞ୍ଜିଆ ଏଏସିଏଫ ବଟକୃଷ୍ଣ ପାଢ଼ୀ, ବାରିପଦା ଏସିଏଫ ଶରତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦେଉଳି ରେଞ୍ଜର ରବିନାରାୟଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାରିପଦା ଏସିଏଫ ଦିଲ୍ଲୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚପିଢ଼ ଉପଖଣ୍ଡର ରମାକାନ୍ତ ନାୟକ ଓ ବାରିପଦା ଉପଖଣ୍ଡର ମୁଣ୍ଡାକଟା–ଶାଳସାହି ଭିଏସଏସକୁ ୱାଇଲ୍ଡ ଲାଇଫ କଞ୍ଜରଭେଶନ–୨୦୧୯ ପାଇଁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ କର୍ମଚାରୀ ଓ ପରିବେଶବିତମାନେ ଯୋଗ ଦେଇଥିଲେ।

## ପୂଜା ଉତ୍ସବକୁ ଫିକା କରୁଛି ବିଦ୍ୟୁତ୍ କାଟ

ଉଦଳା,୪।୧୦(ଡି.ଏନ୍.ଏ.)

ଶାରଦୀୟ ଉତ୍ସବ ପାଳନ ନିମନ୍ତେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇ ଉଠିଛି । ଏଥିନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି ହୋଇଥିବା ବେଳେ ଉଦଳା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ସମସ୍ତ ପୂଜା କମିଟି ଆୟୋଜକମାନଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି କରିଛି । ଏହା ସାଙ୍ଗକୁ ବଇରୀ ସାଜିଛି ବର୍ଷା । ଦୈନନ୍ଦିନ ଅପରାହ୍ନରେ ଘଡଘଡି ସହିତ ବର୍ଷା ଯୋଗୁଁ ମଣ୍ଡପ ଗୁଡିକରେ ତୋରଣ ସଜ୍ଜାରେ ବାଧକ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଉଦଳା ଉପ ଜିଲାପାଳଙ୍କ ସଭାଗୃହରେ ଗତ ୨୬ ତାରିଖ ଦିନ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପୂଜା କମିଟି ସଦସ୍ୟ ଉପସ୍ଥିତ ରହି ଅଘୋଷିତ ବିଦ୍ୟୁତ୍ କାଟ ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲା ବେଳେ ପାର୍ବଣ ନିମନ୍ତେ ଅଘୋଷିତ ବିଦ୍ୟୁତ୍ କାଟ ଉପରେ ରୋକ ଲଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବୈଠକର ନିଷ୍ପତ୍ତି ଅନୁସାରେ ବିଦ୍ୟୁତ୍ କାଟରେ ରୋକ ଲାଗିବା ପରେ କୌଣସି ସୁଫଳ ମିଳି ପାରି ନାହିଁ । ଉଦଳା ସହରାଞ୍ଚଳରେ ୬ଟି ସ୍ଥାନ ଓ ଗ୍ରାମାଞ୍ଚଳର ୨୨ଟି ସ୍ଥାନରେ ଦୁର୍ଗାପୂଜା ହେଉଛି । ଅଘୋଷିତ ବିଦ୍ୟୁତ୍ କାଟ ଆୟୋଜକମାନଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି କରିଥିବା ଉଦଳା ବଣିକସଂଘର ସଭାପତି ରବୀନ୍ଦ୍ର କୁମାର ପରିଡା କହିଛନ୍ତି । ଏ ସମ୍ପର୍କରେ ବିଧାୟକ ଭାସ୍କର ମଢେଇଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି। ପୂଜା ସମୟରେ ବିଦ୍ୟୁତ୍ କାଟ ବନ୍ଦ କରିବା ନିମନ୍ତେ ପ୍ରତଶ୍ରୁତି ମିଳିଥିବା କହିଛନ୍ତି।

## ଦେବୀ ଦୁର୍ଗାଙ୍କ ବିଲ୍ୱବରଣୀ ପୂଜା

ରାଇରଙ୍ଗପୁର, ୪।୧୦ (ଡି.ଏନ୍.ଏ.):

ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ପୁରପଲ୍ଲୀ ପୂଜା ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଦେବୀ ଦୁର୍ଗାଙ୍କ ବିଲ୍ୱବରଣୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳର ୬ଟି ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା ଏବଂ ଏକମାତ୍ର ହରପାର୍ବତୀ ପୂଜା ଅନୁଷ୍ଠିତ ହେଉଛି। ବିଭିନ୍ନ ପୂଜାମଣ୍ଡପରେ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ଆକର୍ଷଣୀୟ ତୋରଣ ଏବଂ ରଙ୍ଗ ବେରଙ୍ଗର ଆଲୋକ ସାଜସଜ୍ଜା କରାଯାଇଛି। ଶନିବାର ସମ୍ପୃକ୍ତ ପୂଜା ମଣ୍ଡପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ।

## ରାଜ୍ୟସ୍ତରୀୟ ବାଳିକା ଟେନିକଏଟ୍‌ରେ ମୟୂରଭଞ୍ଜ ରନର୍ସ ଅପ




ରନର୍ସ ଅପ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବାରିପଦା ଅଫିସ,୪।୧୦

ବରଗଡ ଜିଲା ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ୬୫ତମ ରାଜ୍ୟସ୍ତରୀୟ ଟେନିକଏଟ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମୟୂରଭଞ୍ଜ ଟିମ୍ ରନର୍ସଅପ ହୋଇଛି। ସୂଚନା ଅନୁଯାୟୀ, ପ୍ରଥମ ମ୍ୟାଚରେ ମୟୂରଭଞ୍ଜ ଦଳ କଳାହାଣ୍ଡି ଦଳକୁ ପରାଜୟ କରି ସେମି ଫାଇନାଲକୁ ପ୍ରବେଶ କରିଥିଲା। ପରେ ବଲାଙ୍ଗିର ଦଳକୁ ପରାସ୍ତ କରି ଫାଇନାଲ ଖେଳିଥିଲା। ତେବେ ଫାଇନାଲରେ କଟକ ଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଛି।

## ଦରମା ଦାବିରେ ଶିକ୍ଷକ ସଂଘର ତାଲା ବନ୍ଦ

ବିଶୋଇ,୪।୧୦(ଡି.ଏନ୍.ଏ.)

ନିର୍ଦ୍ଧାରିତ ସମୟରେ ଦରମା ନ ପାଇ ଶୁକ୍ରବାର ବିଶୋଇ ବ୍ଲକ ଲେବଲ–ଭି ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇ ଥିଲା। ସଂଘର ସଭାପତି ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଉପସଭାପତି ଚନ୍ଦ୍ରମୋହନ ଟୁଡୁ, ସମ୍ପାଦକ ବାଜିନାଥ ଟୁଡୁ, ସହ ସମ୍ପାଦକ ପର୍ଶୁରାମ ଦତ୍ତଙ୍କ ସମେତ ଏକ୍ସକ୍ୟାଡ଼ର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୁର୍ଗାପୂଜା ଛୁଟି ଅବକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସେପ୍ଟେମ୍ବର ମାସର ୩୦ ତାରିଖ ସୁଦ୍ଧା ଲେବଲ – ଭି ଏକ୍ସକ୍ୟାଡ଼ର ଶିକ୍ଷକମାନଙ୍କୁ ଦରମା ପ୍ରଦାନ ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଥିଲା। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ସଂଘ ପକ୍ଷରୁ ଏହି ତାଲା ବନ୍ଦ ଅନ୍ଦୋଳନ କରାଯାଇଥିଲା। ବେତନ ପ୍ରଦାନ ନିମନ୍ତେ ଉପରିସ୍ଥ ବିଭାଗ ପକ୍ଷରୁ କୌଣସି ପ୍ରସ୍ତାବ ଆସି ନ ଥିବାରୁ ଦରମା ପ୍ରଦାନରେ ବିଳମ୍ବ ହୋଇଥିବା ବିଇଓ କହିଛନ୍ତି।



ଶିକ୍ଷକ ସଂଘ କର୍ମକର୍ତ୍ତା ବିଇଓ ଅଫିସରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କପ୍ତିପଦା,୪।୧୦(ଡ଼ି.ଏନ୍.ଏ)

କପ୍ତିପଦା ମହାବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଦିଲୀପ କୁମାର ସିଂହ ଅଧକ୍ଷତା କରିଥିଲେ । ଅତିଥି ଭାବେ ଅଧ୍ୟାପକ ପ୍ରଣବ କିଶୋର ପାଢୀ, ସନ୍ତୋଷ କୁମାର ମହାନ୍ତି, ଦୁଷ୍ମନ୍ତ କୁମାର ସାହୁ, ଶରତ ଚନ୍ଦ୍ର ଦାସ, ବ୍ରଜେନ୍ଦ୍ର କୁମାର ଖଣ୍ଡା ଓ ଅଧ୍ୟାପିକା କବିତା ଅବସରପ୍ରାପ୍ତ କର୍ମଚାରୀମାନଙ୍କ କର୍ତ୍ତବ୍ୟନିଷ୍ଠା, ସେବା ତଥା ବନ୍ଧୁତ୍ୱ ଭାବର ପ୍ରଶଂସା କରିଥିଲେ । ଏହି ଅବସରରେ ଅବସର ଗ୍ରହଣ କରୁଥିବା ସେବା ନିବୃତ୍ତ କର୍ମଚାରୀ ଭାସ୍କର ଚନ୍ଦ୍ର ସାହୁ, ବଂଶୀଧର ସାହୁ, ଅଭିମନ୍ୟୁ ମାଝି ସେମାନଙ୍କ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ । ଅତିଥିମାନେ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପିକା ଷଡ଼ଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ସରୋଜ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏଥିରେ ଉପସ୍ଥିତ ଥିବା ବେଳେ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଦାବିପତ୍ର

ବାରିପଦା ଅଫିସ,୪।୧୦

ମୟୂରଭଞ୍ଜ ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଉପସଭାପତି ଉତ୍ପଳ କୁମାର ଭଦ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ସାକ୍ଷାତ କରି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହିତ ତାଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗର ସଚିବ ଓ ମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୪ରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିୟମିତ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟା, ୨୦୧୨ରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ନିୟମିତ ପ୍ରକ୍ରିୟା ବିଳମ୍ବ ହେବା, ୨୦୧୬ରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କର ଓଏସଏସଟିଇଟି ଉଚ୍ଛେଦ କରାଯିବା ଆଦି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ଦଳରେ ସଂଘର ଜିଲା ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ ରାଜେଶ ଶୁଭଙ୍କର, ସୂର୍ଯ୍ୟପ୍ରକାଶ ନାଏକ, ସୋନାଲି ପରିଡା, ପ୍ରବୀଣ ଚାନ୍ଦ, ବିଦ୍ୟା ଦାସ, ସୂର୍ଯ୍ୟନାଥ ବିଶ୍ୱାଳ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ‘ସେବା ମନୁଷ୍ୟ ଜୀବନର ମୂଳମନ୍ତ୍ର’

କପ୍ତିପଦା,୪।୧୦(ଡ଼ି.ଏନ୍.ଏ)

କପ୍ତିପଦା ମହାବିଦ୍ୟାଳୟରେ +୨ ବିଭାଗ ପକ୍ଷରୁ ଏନ୍‌ଏସ୍‌ଏସ୍‌ର ସୁବର୍ଣ୍ଣ ଜୟନ୍ତୀ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଏଥିରେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଇଂଲିଶ ବିଭାଗର ଅଧ୍ୟାପକ ତଥା ପ୍ରୋଗ୍ରାମ ଅଫିସର ଶରତ କୁମାର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସଦାସର୍ବଦା ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସରୋଜ କୁମାର ଲେଙ୍କା, କବିତା ମହାନ୍ତି, ଅଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେବା ମନୁଷ୍ୟ ଜୀବନର ମୂଳମନ୍ତ୍ର। ଏହା ମାନବିକ ମୂଲ୍ୟବୋଧର ଉର୍ଦ୍ଧ୍ୱରେ। ଛାତ୍ରୀଛାତ୍ରମାନେ ଏହାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ସମାଜର ସେବା ପାଇଁ ବ୍ରତୀ ହେବା ପାଇଁ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ୍ ସମସ୍ୟା ସମ୍ପର୍କୀତ ଏକ ବୈଠକ ଓ ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ନିମନ୍ତେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଅଧ୍ୟାପକ ନିରୋଜ କୁମାର ଖୁଣ୍ଟିଆ, ପ୍ରଜେନ୍ଦ୍ର ଖଣ୍ଡା, ସୁବ୍ରତ କୁମାର ମିଶ୍ର, ଦୀପ୍ତିକାନ୍ତ ଦାସ ଓ ଅଧ୍ୟାପିକା ଅବନ୍ତି ଷଡ଼ଙ୍ଗୀ ସହଯୋଗ କରିଥିଲେ । ଅଧ୍ୟାପକ ସରୋଜ କୁମାର ଲେଙ୍କା, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁବ୍ରତ କୁମାର ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଅକ୍ଟୋବର ୫/୨୦୧୯ Balasore, Saturday, October 5/2019


## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୧.୨୮ ଲକ୍ଷ ଟଙ୍କା ଲୁଟ୍

**ଯୋଡ଼ା, ୪।୧୦(ଡ଼ି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ଠାରେ ବାଇକ ଡିକି ଭାଙ୍ଗି ୧ ଲକ୍ଷ ୨୮ହଜାର ଟଙ୍କା ଲୁଟି ନିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନ ଗୋଟାଏ ସମୟରେ ପଳଶା ଗ୍ରାମର ଶୈଳଚନ୍ଦ୍ର ବାରିକ ଯୋଡ଼ାସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରୁ ଏହି ଟଙ୍କା ଉଠାଇ ନିଜ ଘର ଅଭିମୁଖେ ଯାଉଥିଲେ। ଜୁରୁଡ଼ି ହାଟପଦା ନିକଟସ୍ଥ ଏକ ଏଟିଏମ୍ କାଉଣ୍ଟର ନିକଟରେ ବାଇକ ରଖି ଅନ୍ୟ ଏକ ବ୍ୟାଙ୍କ ବାଲାନ୍ସ ଚେକ କରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କ ଡ଼ିକି ଭାଙ୍ଗି ସମସ୍ତ ଟଙ୍କା ଚୋରି ହୋଇଯାଇଥିବା ଦେଖି ସେ ବାମେବାରୀ ପୋଲିସକୁ ଜଣାଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୪।୧୦(ଡି.ଏନ୍.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁକିଚୁଆ ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବ ମୁର୍ମୁ(୨୨)। ଶୁକ୍ରବାର ସକାଳ ୭ଟାରେ ଘର ପାର୍ଶ୍ୱ ବାଡ଼ିରେ ସେ କାମ ସାରି ଘରକୁ ଫେରି ଅସୁସ୍ଥ ହୋଇପଡ଼ିଥିଲେ। ପରିବାରବର୍ଗ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁରସ୍ଥିତ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୯) ରୁଜୁ ହୋଇଛି।

# ବିସ୍ମୟ ବାଳିକା ସ୍ମୃତିମୟୀ



**ଘସିପୁରା, ୪।୧୦(ଡି.ଏନ.ଏ)**

**୫ ମିନିଟରେ ଦିଅନ୍ତି ୧୦୦ରୁ ଅଧିକ ପ୍ରଶ୍ନର ଉତ୍ତର**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ପଞ୍ଚୁପଲ୍ଲୀ ଗାଁର ଶାନ୍ତନୁ ରାଉତଙ୍କ ଝିଅ ସ୍ମୃତିମୟୀ । ବୟସ ମାତ୍ର ୩ବର୍ଷ। ସେ ନା ଯାଇଛନ୍ତି ଅଙ୍ଗନୱାଡ଼ି କେନ୍ଦ୍ର ନା ସ୍କୁଲ । ହେଲେ ରାଜ୍ୟ, ଦେଶ, ବିଦେଶ, ଭୂଗୋଳ, ଇତିହାସ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ସେ ଦେଇ ପାରୁଛନ୍ତି । ଏହି ବିସ୍ମୟ ବାଳିକା ସ୍ଥାନୀୟ ଅଞ୍ଚଳରେ ଆକର୍ଷଣ ଓ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। କେହି କେହି ଏଭଳି ପ୍ରତିଭା ପୂର୍ବଜନ୍ମ ସୁକୃତିର ଫଳ ବୋଲି କହୁଛନ୍ତି।

ଅନ୍ୟ ସାଧାରଣ ପିଲାଙ୍କ ଭଳି ଖେଳକୁଦରେ ବେଶ୍ ଆଗ୍ରହ ରଖନ୍ତି ସ୍ମୃତିମୟୀ। ତାଙ୍କର ପ୍ରଚଣ୍ଡ ଧୀ ଶକ୍ତି ତାଙ୍କୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ତାଙ୍କ ମସ୍ତିଷ୍କ କମ୍ପ୍ୟୁଟର ଭଳି କାମ କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗୋଟିଏ କି ଦୁଇଟି ନୁହଁ ମାତ୍ର ୫ମିନିଟରେ ୧୦୦ରୁ ଅଧିକ ପ୍ରଶ୍ନର ଉତ୍ତର ଦେବାରେ ସେ ସକ୍ଷମ। ପ୍ରଶ୍ନକର୍ତ୍ତାଙ୍କ ପାଟିରୁ ପ୍ରଶ୍ନ ଶେଷ ନ ହେଉଣୁ ସ୍ମୃତିମୟୀ ତାହାର ଉତ୍ତର ଦେଇ ପାରୁଛନ୍ତି। ଏହି କୁନି ପିଲାଟିର ଏଭଳି ପ୍ରତିଭା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକତି କରିଛି। ସେ ବର୍ଷକର ହୋଇଥିବା ବେଳେ ତାଙ୍କ ମା' ଓ ବାପା ଏହି ଅସାଧାରଣ ଲକ୍ଷଣ ଜାଣି ପାରିଥିଲେ। କଥାବାର୍ତ୍ତା ସମୟରେ ଯେକୌଣସି ଆଲୋଚନାକୁ ସେ ସହଜରେ ସ୍ମରଣ ରଖି ପାରୁଥିଲେ। ଏହି ଲକ୍ଷଣ ଦେଖି ବାପା ଶାନ୍ତନୁ ତାଙ୍କୁ ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନ ଉତ୍ତର ପଢାଇବା ଆରମ୍ଭ କରିଥିଲେ। ମାତ୍ର ଏକ ମାସର ଅଧ୍ୟୟନ ପରେ ସ୍ମୃତିମୟୀ ଏବେ ଅବାଧରେ କେଇ ମିନିଟ ମଧ୍ୟରେ ଶତାଧିକ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇପାରୁଛନ୍ତି। ତାଙ୍କର ଏଭଳି ପ୍ରତିଭା ଦେଖି କେବଳ ପରିବାର ନୁହନ୍ତି, ଗ୍ରାମବାସୀ ବେଶ୍ ଖୁସି। କେହି କେହି ତାଙ୍କୁ 'ମେମୋରୀ କୁଇନ'ବୋଲି କହୁଛନ୍ତି। ଆଗକୁ ଭଲପାଠ ପଢି ଜଣେ ଡାକ୍ତର ହୋଇ ଗରିବ ରୋଗୀଙ୍କ ସେବା କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ତାଙ୍କ ମା' ସବିତା ରାଉତ କହିଛନ୍ତି, ସ୍ମୃତିମୟୀ ତାଙ୍କ ପ୍ରତିଭା ବଳରେ ଆଗକୁ ନିଜ ଗାଁ ସମେତ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବାଦୀ ଅଛନ୍ତି।

## ଟ୍ରକ୍‌କୁ ପିଟିଲା ବସ୍, ୮ ଗୁରୁତର

**କେନ୍ଦୁଝର,୪।୧୦(ସ୍ୱ.ପ୍ର.)**



କେନ୍ଦୁଝର ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ ଶ୍ରୀରାମ ନାମକ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ଏକ ଟ୍ରକ ପଛରେ ପିଟି ହୋଇ ଯିବାରୁ ବସ୍ ଚାଳକ, ହେଲପର ଓ ଅନ୍ୟ ୬ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଟାଉନ ଓ ସଦର ଥାନା ସୀମାବର୍ତ୍ତୀ ନେଙ୍କଡ଼ା ଘର ନିକଟରେ ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ଦମକଳବାହିନୀ ଓ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ଘଟିବା ପରେ ଟ୍ରକଟି ସେଠାରୁ ଖସି ପଳାଇ ଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ ବଡ଼ବିଲରୁ ଭୁବନେଶର ଯାଉଥିବା ଏହି ବସ୍ (ନଂ. ଓଆରଜିର-୨-ବିୟୁ-୮୫୨୫)ରେ ମୋଟ ପ୍ରାୟ ୪୦ଯାତ୍ରୀ ଥିଲେ। କେନ୍ଦୁଝର ମୁଖ୍ୟାଳୟଠାରୁ ପ୍ରାୟ ୧୦ କି.ମି. ଦୂର ଏହି ଜାତୀୟ ରାଜପଥରେ କୌଣସି କାରଣରୁ ଏହା ଭାରସାମ୍ୟ ହରାଇ ବସିବାରୁ ଏକ ଚଳନ୍ତା ଟ୍ରକ ପଛରେ ପିଟି ହୋଇ ଯାଇଥିଲା। ବସର ସମ୍ମୁଖ ଭାଗ ଟ୍ରକ ପଛ ଡାଲାରେ ପଶି ଯିବାରୁ କିଛି ଦୂର ଘୋଷାରି ହୋଇ ଯାଇଥିଲା। ଦୁର୍ଘଟଣାରେ ବସର ଡ୍ରାଇଭର ଓ ହେଲପର ଅଧିକ ଗୁରୁତର ଆହତ ହୋଇ ଥିବା ଜଣାପଡିଛି। ୬ ବସ୍‌ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟମାନେ ରକ୍ଷା ପାଇଯାଇଛନ୍ତି । ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେବା ପରେ ଟାଉନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

## ଖଟିଆରେ ବୁହା ହୋଇ ଡାକ୍ତରଖାନା ଗଲେ ରୋଗୀ

**ତିହିଡ଼ି, ୪।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଓରାଳିବିନ୍ଧା ଗ୍ରାମକୁ ସବୁଦିନିଆ ଭଲ ରାସ୍ତା ନାହିଁ। ଫଳରେ ଯାତାୟାତ ପାଇଁ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ଯୋଗୁ ଏହି ରାସ୍ତା ଦେଇ ଗାଁ ଭିତରକୁ ଆମ୍ବୁଲାନ୍ସ ଯିବା ସମ୍ଭବ ନୁହେଁ। ଏଭଳି ସମସ୍ୟା ପାଇଁ ଶୁକ୍ରବାର ଗ୍ରାମର ଜଣେ ମହିଳା ରୋଗୀଙ୍କୁ ଖଟିଆରେ ବୋହି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମର ଗୋବିନ୍ଦ ମାଝୀଙ୍କ ସ୍ତ୍ରୀ ସାବିତ୍ରୀ(୬୦) ପକ୍ଷାଘାତ ରୋଗ ଯୋଗୁ ଅସୁସ୍ଥ ହୋଇପଡ଼ିଥିଲେ। କୌଣସି ଉପାୟ ନ ପାଇ ପରିବାର ଲୋକେ ତାଙ୍କୁ ଖଟିଆରେ ଦେଢ଼ କି.ମି. ତିଆଡ଼ିସାହି ରାସ୍ତା ପର୍ଯ୍ୟନ୍ତ ନେଇଯାଇଥିଲେ। ସେଠାରୁ ଗାଡ଼ିରେ ତାଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଉଲ୍ଲେଖନୀୟ ଯେ, ମଧୁପୁରଠାରୁ ବାରସର ପର୍ଯ୍ୟନ୍ତ ଭାୟା ଓରାଳିବିନ୍ଧା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତା ନିର୍ମାଣ ସକାଶେ ବ୍ୟୟ ଅଟକଳ ହୋଇଥିଲା। ମଧୁପୁରଠାରୁ ସାଢ଼େ ୩ କି.ମି. ରାସ୍ତା ନିର୍ମାଣ ହୋଇଥିବା ବେଳେ ଅବଶିଷ୍ଟ ଦେଢ଼ କି.ମି. ରାସ୍ତା ନିର୍ମାଣ ହୋଇନାହିଁ। ଜମି ବିବାଦ ଯୋଗୁ ଏଠାରେ ରାସ୍ତା ନିର୍ମାଣ ହୋଇପାରି ନାହିଁ।

## ଗାଡ଼ି ଧକ୍କାରେ ହରିଣର ଜୀବନ ଗଲା

**ତେଲକୋଇ,୪।୧୦(ଡି.ଏନ.ଏ.)**



କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ହନୁମତିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜାଇଲୋ ଗାଡି ଧକ୍କାରେ ଏକ ହରିଣର ମୃତ୍ୟୁ ଘଟିଛି । ଦୋବଲାପାଳ ନିକଟସ୍ଥ ଏକ ପ୍ଲାଣ୍ଟର ପୁନରୁଦ୍ଧାର ଲାଗି କେତେକ ବ୍ୟକ୍ତି ଏହି ଗାଡି ଯୋଗେ ଯାଉଥିବା ବେଳେ ହରିଣଟି ଗାଡି ସାମ୍ନାକୁ ଚାଲି ଆସି ଦୁର୍ଘଟଣାର ଶିକାର ହୋଇଥିଲା। ଅଳ୍ପ ସମୟ ମଧ୍ୟରେ ସେଠାରେ ହରିଣଟିର ମୃତ୍ୟୁ ଘଟିଥିଲା। ସେଠାରେ ଉପସ୍ଥିତ ଜଙ୍ଗଲ ବିଭାଗର ଜଗୁଆଳିଙ୍କ ଉଦ୍ୟମ କ୍ରମେ ବନ କର୍ମଚାରୀ ପହଞ୍ଚି ମୃତ ହରିଣ ସହିତ ଜାଇଲୋ ଗାଡିକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଗାଡି ଚାଳକ ଫେରାର ହୋଇଯାଇଥିଲେ। ବନାଞ୍ଚଳ ଅଧିକାରୀ ପି. ନାୟକଙ୍କ ସୂଚନା ଅନୁଯାଇ ମୃତ ହରିଣର ଓଜନ ପ୍ରାୟ ୮୦କିଲୋରୁ ଅଧିକ ରହିଛି। ଏନେଇ ତଦନ୍ତ ଜାରି ରହିଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ଭଦ୍ରକ ଅଫିସ, ୪।୧୦**

ଭଦ୍ରକ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତର ବିଚାରପତି ପ୍ରଣତି ସାହା ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ମିରମହଲା ଅଞ୍ଚଳର ଶେଖ୍ ଇକ୍‌ବାଲଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ପ୍ରକାଶ ଯେ, ଭଦ୍ରକ ପୁରୁଣାବଜାର ଥାନା ଅଧୀନ ମିରମହଲା ଗ୍ରାମର ଶେଖ୍ ଇକ୍‌ବାଲ ୨୦୧୬ ଡିସେମ୍ବର ୨୯ରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ଡାକ୍ତରୀ ପରୀକ୍ଷାରୁ ପରିବାର ଲୋକ ଏ କଥା ଜାଣିବା ପରେ ବଳାତ୍କାର ନେଇ ପୁରୁଣାବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଥାନାରେ ଏକ ମାମଲା(ନଂ.୨୦୪/୧୬) ରୁଜୁ କରିଥିଲା। ୨୦୧୭ ଜାନୁୟାରୀ ୩ରେ ଇକ୍‌ବାଲ୍‌ଙ୍କୁ ପୋଲିସ ଗିରଫ କରି ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ୧୭ ଜଣଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଣି କରିଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ମନୋରଞ୍ଜନ ଦାସ ମାମଲା ପରିଚାଳନା କରୁଥିଲେ।





MARUTI SUZUKI
NEXA

THIS NAVRATRI
CELEBRATE EXCITING OFFERS



10 DAYS OFFER ONLY
HURRY! AVAIL BEFORE 10th OCTOBER

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹25,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹52,000 | ₹1,12,900 | ₹65,000 | ₹87,700 |

Contact us at 1800-200-[6392] 1800-102-[NEXA] www.nexaexperience.com NOW YOU CAN ALSO BOOK ONLINE

BALASORE: NEXA BALASORE HIGHWAY (JYOTE MOTORS (BALASORE) PH: 8338033994).

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5-year warranty (2-year standard warranty + 3-year extended warranty) on NEXA Diesel cars.

connect — A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୫ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

ଢେଙ୍କିକୋଟ, ୪।୧୦(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଏକ ଏଟିଏମ୍‌କୁ ଭାଙ୍ଗି ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଟଙ୍କା ଲୁଟ୍ ଉଦ୍ୟମ କରିଥିବା ଜଣାପଡିଛି। ପୋଲିସ୍ ପୋଟ୍ରୋଲିଂ ଏବଂ ବଜାରକୁ ଜଗୁଥବବା ବାହାଦୂରଙ୍କ ଯୋଗୁ ଲୁଟେରାମାନେ ଏଟିଏମ୍‌ଟିକୁ ଅଧାଭଙ୍ଗା ଅବସ୍ଥାରେ ଛାଡ଼ି ଚାଲିଯାଇଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଥିଲା। ଏଟିଏମ୍‌ରେ ଲାଗିଥିବା ସିସି କ୍ୟାମେରାକୁ ଦୁର୍ବୃତ୍ତମାନେ ନେଇ ଯାଇଥିବା ଜଣାପଡିଛି। ଖବର ପାଇ ଏସ୍‌ବିଆଇ ଏଟିଏମ୍ ଅଧିକାରୀ ପୂର୍ବାହ୍ନ ୧୦ଟାରେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ାଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏଠାରେ ରାତ୍ରୀକାଳିନ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ଢେଙ୍କିକୋଟ ବିକାଶମଞ୍ଚ ଏବଂ ବଣିକ ସଂଘ ଜିଲା ଏସ୍‌ପିଙ୍କ ଠାରେ ଦାବି ଜଣାଇଛି।

### ପାର୍ବଣରେ ଚାରା ରୋପଣ



ବଡବିଲ,୪।୧୦ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲ ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ର ପରିସରରେ ପାର୍ବଣ ଅବସରରେ ଶୁକ୍ରବାରଠାରୁ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏକ ଘରୋଇ କମ୍ପାନୀ ସହାୟତାରେ ବିଭିନ୍ନ କିସମର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଫଳଚାରା ରୋପଣ ହେବ ବୋଲି ଜଣାପଡିଛି। ପ୍ରଥମ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡାକ୍ତର ସୌଭାଗ୍ୟ ରଶ୍ମୀ ରଞ୍ଜନ ସାମଲ ଓ ସ୍ୱେଚ୍ଛାସେବୀ ସଞ୍ଜୀବଙ୍କ ନେତୃତ୍ୱରେ ପ୍ରାୟ ଶହେ ଚାରା ରୋପଣ ହୋଇଥିବା ଜଣାପଡିଛି।



# ମା' ଆସୁଛନ୍ତି

# ଆଧୁନିକତା ସତ୍ତ୍ୱେ ହଜିନି ପରମ୍ପରା

- ପୁରାତନ ଫକୀରପୁର ଚାନ୍ଦିମେଢ଼
- ସାଜସଜ୍ଜାରେ ଝଲସୁଛି ପରିବେଶ
- ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ

ଜିତେନ୍ଦ୍ର ସାହୁ
ଘସିପୁରା, ୪।୧୦

ଶାରଦୀୟ ପୂଜା ପ୍ରସ୍ତୁତି ନେଇ କେନ୍ଦୁଝର ଜିଲାର ଘସିପୁରା ଅଞ୍ଚଳ ଏବେଠାରୁ ଉତ୍ସବମୁଖର ହୋଇ ଉଠିଛି। ଦିନକ ପରେ ମା'ଙ୍କ ମହାଷ୍ଟମୀ ପୂଜା। ଏଥିପାଇଁ ଉପଖଣ୍ଡର ସମସ୍ତ ପୂଜାମଣ୍ଡପ ସଜେଇ ହେବାରେ ଲାଗିଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ମଣ୍ଡପର ସାଜସଜ୍ଜା ରଙ୍ଗିନ ବିଜୁଳି ଆଲୋକରେ ଝଲସୁଛି। ସ୍ଥାନୀୟ ପୌରପରିଷଦ ଅନ୍ତର୍ଗତ ଫକୀରପୁରରେ ଚାନ୍ଦି ମେଢରେ ମା' ପୂଜା ପାଇଥାନ୍ତି । ୧୮୬୭ରୁ ଏହି ମଣ୍ଡପରେ 'ଉତ୍କଳ ବଙ୍ଗୀୟ ସମାଜ' ପକ୍ଷରୁ ନିଆରା ଢଙ୍ଗରେ ଶାରଦୀୟ ପୂଜା ପାଳିତ ହୋଇ ଆସୁଥିବା କୁହାଯାଏ। ଏହା ଜିଲାର ସର୍ବପୁରାତନ ପୂଜାମଣ୍ଡପ ଭାବେ ଭକ୍ତମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

କଥିତ ଅଛି ଯେ, ଏଠାରେ ବସବାସ କରୁଥିବା ଅଧିକାଂଶ ବଙ୍ଗୀୟ ସମ୍ପ୍ରଦାୟର ଲୋକେ ପ୍ରଥମେ ପୂଜା ଆରମ୍ଭ କରିଥିଲେ। ମାନସିକ ପୂରଣ ଠାରୁ ଆରମ୍ଭ କରି ଗାଁ ର ମଙ୍ଗଳ କାମନା କରି ମା'ଙ୍କୁ ଆରାଧନା କରାଯାଇଥାଏ। ମଣ୍ଡପ ସାଜସଜ୍ଜାରେ ଆଧୁନିକତାର ଚାକଚକ୍ୟ ଫୁଟି ଉଠୁଥିଲେ ବି ଏଠାକାର ପରମ୍ପରା ହଜି ନାହିଁ। ଶତାଧିକ ବର୍ଷର ପୁରାତନ ନୀତିକାନ୍ତିରେ ଆଜି ବି ମା' ପୂଜା ପାଉଛନ୍ତି। ଏଠାରେ ମା'ଙ୍କ ପୂଜା ଓ ରୀତିନୀତି ସମ୍ପୂର୍ଣ୍ଣ ଗୋପନ ରଖାଯାଇଥାଏ। ଖାଲି ସେତିକି ନୁହେଁ ପୂଜାରେ ବ୍ୟବହୃତ କୌଣସି ସାମଗ୍ରୀ ବାହାରୁ କିଣା ଯାଇ ନ ଥାଏ। ଶ୍ରଦ୍ଧାଳୁମାନଙ୍କ ଦାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଶୁକ୍ରବାର ଷଷ୍ଠୀ ତିଥିରେ ବହୁ ସଂଖ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁ ମା'ଙ୍କ ପାଇଁ ଶାଢି ପ୍ରଦାନ କରିଛନ୍ତି। ଏହା ଏକ ପରମ୍ପରା ଭାବେ ପାଳିତ ହୋଇ ଆସୁଛି। ମା'ଙ୍କ ଚାନ୍ଦିମେଢର ଆକର୍ଷଣ ଏଠି ନିଆରା। ମେଢ ସାଜସଜ୍ଜା ସହ ମା'ଙ୍କର ସମସ୍ତ ଆଭୂଷଣ ଚାନ୍ଦିରେ ପ୍ରସ୍ତୁତ କରାଯାଇଥାଏ।

ଏହି ପୂଜା ମଣ୍ଡପ ପକ୍ଷରୁ ମା'ଙ୍କ ଭସାଣି ଉତ୍ସବ ନିଆରା ଢଙ୍ଗରେ ପାଳିତ ହେବା ଏକ ନିଆରା ପରମ୍ପରାର ଝଲକ । ଏଠାରେ ଭସାଣି ଉତ୍ସବରେ କୌଣସି ଯାନବାହନ ବ୍ୟବହାର କରା ଯାଇ ନ ଥାଏ। ମା' ଙ୍କ ମୃଣ୍ମୟ ମୂର୍ତ୍ତିକୁ ଶହଶହ ଶ୍ରଦ୍ଧାଳୁ କାନ୍ଧରେ ବୋହି ପ୍ରାୟ ୨ କି.ମି. ଦୂର ନେଇ ବସର୍ଜନ କରିଥାନ୍ତି। ଘଣ୍ଟ ଓ ଢୋଲ ବାଜାରେ ରାସ୍ତାଘାଟ ଦୁଲୁକି ଉଠିଥାଏ। ଭସାଣିରେ ମା'ଙ୍କ ମୂର୍ତ୍ତିକୁ କାନ୍ଧ ଦେଲେ ମାନସିକ ପୂରଣ ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି ।

ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ଲାଗି ପୂଜା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଷ୍ଟମୀ, ନବମୀ ଓ ଦଶମୀ ଦିନ କୀର୍ତ୍ତନ, ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟି ସଭାପତି ଗଙ୍ଗାଧର ରାମ କହିଛନ୍ତି। ଉପସଭାପତି ଜୟକାନ୍ତ ଲାହା, ସମ୍ପାଦକ ବିଷ୍ଣୁ ଚରଣ ରାମ, କର୍ତ୍ତା ଗୌରାଙ୍ଗ ରାମ, ଉମାକାନ୍ତ ରାମ, ବିଷ୍ଣୁ ପ୍ରସାଦ ରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ଢେଙ୍କିକୋଟ ଚଳଚଞ୍ଚଳ

ଢେଙ୍କିକୋଟ, ୪।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ଢେଙ୍କିକୋଟ ଅଞ୍ଚଳ ଶାରଦୀୟ ଦୁର୍ଗାପୂଜା ଲାଗି ଚଳଚଞ୍ଚଳ ହୋଇଉଠିଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଦୁର୍ଗାପୂଜା ଦେବୀମଣ୍ଡପ ମା' ଦୁର୍ଗାଙ୍କ ଷଷ୍ଠୀ ବେଲ ବରଣି ପୂଜା ଯଥାବିଧି ସମ୍ପନ୍ନ ହୋଇଛି। ତ୍ରୈଲୋଚନ ବେହେରା ସସ୍ତ୍ରୀକ ସଂକଳ୍ପରେ ବସିଥିଲେ। ଏଥିଲାଗି ଚିତ୍ତରଞ୍ଜନ ସାହୁଙ୍କ ବଗିଚାରେ ଥିବା ଫଳନ୍ତି ବେଲଗଛ ମୂଳରେ ପୂଜାପାଠ କରାଯାଇଥିଲା। ଶନିବାର ପୂର୍ବାହ୍ନ ୭ଟାରେ ଘଟ ଅଣାଯାଇ ସପ୍ତମୀ ପୂଜା ଆରମ୍ଭ କରାଯିବ। ଭଦ୍ରକ ମଉଦା ଗ୍ରାମର ପୂଜକ ଅମର ଶତପଥୀ ପ୍ରଦୀପ ପଣ୍ଡା, ବିଷ୍ଣୁଚରଣ ପତି, ମାନସ ରଞ୍ଜନ ପତି ଏବଂ କ୍ଷୀରୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କାର୍ଯ୍ୟ ପରିଚାଳନା କରୁଛନ୍ତି। ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କମିଟି ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସଭାପତି ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ପ୍ରତ୍ୟେହ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭଜନ ସମାରୋହ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସମ୍ପାଦକ ଶତ୍ରୁଘ୍ନ ସାହୁ ପ୍ରକାଶ କରିଛନ୍ତି।



ବେଲଗଛ ମୂଳରେ ପୂଜାର୍ଚ୍ଚନା କରାଯାଉଛି।

## ଚୋରା ବାଲି ଚାଲାଣ: ୨ଗାଡ଼ି ଜବତ

ଆନନ୍ଦପୁର,୪।୧୦(ସ୍ୱ.ପ୍ର.)

ଆନନ୍ଦପୁର ତହସିଲ ପକ୍ଷରୁ ଚଢାଉ କରାଯାଇ ଚୋରା ବାଲି ଚାଲାଣ କରୁଥିବା ୨ଟି ଗାଡି ଜବତ କରାଯାଇଛି। ଶୁକ୍ରବାର ଫକୀରପୁରଠାରେ ବାଲି ଚୋରା ଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ତପନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଏବଂ ପୋଲିସ ଫୋର୍ସ ଚଢାଉ କରି ଗୋଟିଏ ଟ୍ରାକ୍ଟର ଏବଂ ଗୋଟିଏ ଟ୍ରକ ଜବତ କରିଥିଲେ। ଉକ୍ତ ଗାଡିର କାଗଜପତ୍ର ନ ମିଳିବାରୁ ତହସିଲ ପକ୍ଷରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି।

## ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଜଳିଗଲା

ବଡବିଲ, ୪।୧୦ (ସ୍ୱ.ପ୍ର.)



ପୋଡିଯାଇଥିବା ଟ୍ରକ ।

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି-ବଡବିଲ ରାଜ୍ୟ ରାଜପଥର କାଠ ଡିପୋ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୫ଟା ବେଳେ ଏକ ଚଳନ୍ତା ଟ୍ରକରେ ନିଆଁ ଲାଗି ଏହାର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ପୋଡି ଯାଇଛି। ଟ୍ରକର ଡ୍ରାଇଭର ଓ ହେଲପର ଟ୍ରକରୁ ଡେଇଁ ଜୀବନ ରକ୍ଷା କରିଛନ୍ତି। ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ବଡବିଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

ବଡବିଲ ଥାନା ଅନ୍ତର୍ଗତ ଟଣ୍ଟୋସ୍ଥିତ ଏକ ଖଣିରୁ ଲୁହାପଥର ବୋଝେଇ କରି ଏହି ଟ୍ରକ ମାଟକାମବେଡାସ୍ଥିତ ପ୍ଲାଣ୍ଟକୁ ଭଦ୍ରାସାହି-ବଡବିଲ ୧୦ ନମ୍ବର ରାଜ୍ୟରାଜପଥ ଦେଇ ଯାଉଥିଲା। କାଠ ଡିପୋ ନିକଟରେ ପହଞ୍ଚିଲା ବେଳକୁ ହଠାତ୍ ଟ୍ରକର ସମ୍ମୁଖ ଭାଗରୁ ନିଆଁ ଲାଗିଥିବା ଦେଖି ଡ୍ରାଇଭର ଗାଡି ଅଟକାଇ ଦେଇଥିଲେ। ଦମକଳବାହିନୀ ପହଞ୍ଚିବା ବେଳେକୁ ଟ୍ରକର କିଛି ଅଂଶ ଜଳି ଯାଇଥିଲା।

## ବୀଣାପାଣି କଳାନିକେତନ ନୃତ୍ୟଶିଳ୍ପୀଙ୍କ ଦିଲ୍ଲୀ ଯାତ୍ରା



ଦିଲ୍ଲୀ ଯାତ୍ରା କରିବା ଅବସରରେ ନୃତ୍ୟଶିଳ୍ପୀ ଓ ଅନ୍ୟମାନେ ।

ଆନନ୍ଦପୁର,୪।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୀଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶେ ଲାଗି ଦିଲ୍ଲୀ ଯାତ୍ରା କରିଛନ୍ତି। ଦିଲ୍ଲୀର ନୋଇଡା ବ୍ଲକ-ଏ ଜଗନ୍ନାଥ ମନ୍ଦିର ପରିସରରେ ସପ୍ତମୀ, ଅଷ୍ଟମୀ, ନବମୀରେ ସେମାନେ ନୃତ୍ୟ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ନୃତ୍ୟଗୁରୁ ଜିତୁ ଦାଶଙ୍କ ସହିତ ବିନୋଦା ଓଝା, ଦେବାଙ୍ଗୀ ସେନାପତି, ପଦ୍ମଜା ମିଶ୍ର, ହର୍ଷିତା ଖଟୁଆ, ଦିବ୍ୟାନୀ ସେନାପତି, ଆରର୍ତିକା ଦେହୁରୀ, ମୋନିକା ଦାଶ, ଇତିଶ୍ରୀ ଓଝା, ଚନ୍ଦନ ପାଲ, ଶ୍ରଦ୍ଧାଞ୍ଜଳି ପଣ୍ଡା, ରୀନୁ ମହାନ୍ତିଙ୍କ ସମେତ ୧୯ ନୃତ୍ୟଶିଳ୍ପୀ ଏହି ଦଳରେ ରହିଛନ୍ତି। ବିଣାପାଣି କଳାନିକେତନ କଳାକାରଙ୍କ ଏହି ଗସ୍ତକୁ ନେଇ ଅଭିନେତା ମାନସ ସାହୁ, ବରିଷ୍ଠ କଳାକାର ଯଦୁନାଥ ଓଝା ଓ ଅଭିଭାବକ ମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ସଂକ୍ଷେପରେ

### ଗୁରୁତର ଅସୁସ୍ଥ ଯୁବକ ଡାକ୍ତରଖାନାରେ ଭର୍ତ୍ତି

ତେଲକୋଇ, ୪।୧୦(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ବଜାର ଅଞ୍ଚଳରେ ଗୁରୁବାରଠାରୁ ଜଣେ ଯୁବକ ଗୁରୁତର ଅସୁସ୍ଥ ହୋଇ ଗୋଟିଏ ସ୍ଥାନରେ ପଡିରହିଥିଲେ । ଶୁକ୍ରବାର ବଜାର ଅଞ୍ଚଳର ବଣିକ ସଂଘର ସଭାପତି ପ୍ରଦୀପ ମିଶ୍ର ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଲିଙ୍ଗରାଜ ଗଡନାୟକ, ଦୁଷ୍ମନ୍ତ ସାହୁ, ସୁବ୍ରତ ସାହୁ, ଟଙ୍କଧର ମହାନ୍ତ ପ୍ରମୁଖ ତାଙ୍କୁ ଉଦ୍ଧାର କରି ଏକ ଟେମ୍ପୁ ଯୋଗେ ନେଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ତେଲକୋଇ ମେଡିକାଲ ପକ୍ଷରୁ ଡାକ୍ତର ତାଙ୍କୁ ଚିକିତ୍ସା କରି କେନ୍ଦୁଝର ପଠାଇବାକୁ ପରାମର୍ଶ ଦେଇଥିବା ଜଣାପଡିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଯୁବକଙ୍କ ପରିଚୟ ଜାଣି ପାରିଥିବା କୁହାଯାଉଛି। ତାଙ୍କ ଘର ତେଲକୋଇ ଥାନା ଅନ୍ତର୍ଗତ କରମଙ୍ଗୀ ପଞ୍ଚାୟତରେ ବୋଲି କୁହାଯାଉଛି। ସେ ତାଙ୍କ ଶ୍ୱଶୁର ଘର ଜଗମୋହନପୁର ଅଞ୍ଚଳକୁ ଆସିଥିବା ବେଳେ ଅସୁସ୍ଥ ହୋଇପଡିଥିବା ପୋଲିସ କହିଛି।

### ଡାକ୍ତରଖାନା ସଫେଇ

ହାଟଡିହୀ, ୪।୧୦ (ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ହାଇସ୍କୁଲ ଏନସିସି ଅଫିସର ଶିଶିର କୁମାର କରଙ୍କ ତତ୍ତ୍ୱାବଧାନରେ ଏନସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ହାଟଡିହୀ ଡାକ୍ତରଖାନା ପରିସରରେ ସଫେଇ କରାଯାଇଥିଲା। ଏଥିସହ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ତଥା ସବୁଜ ସୁନ୍ଦର ରଖିବାକୁ ଶପଥ ଗ୍ରହଣ କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

ପାଟଣା,୪।୧୦(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ବାରଟଣିଆ ଗ୍ରାମର ଜଣେ ଫେରାର ଅଭିଯୁକ୍ତ ମହିଳାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପାଟଣା ପୋଲିସ ସୂଚନା ଦେଇଛି। ତାଙ୍କ ନାମରେ ୩ବର୍ଷ ପୂର୍ବରୁ ଗିରଫ ପରୱାନା ରହିଥିଲା।

### ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ପଠାଇଲେ ଅଭିଯୋଗପତ୍ର

ଆନନ୍ଦପୁର,୪।୧୦(ସ୍ୱ.ପ୍ର.)-ବୈତରଣୀ ଓ ରେମାଳ ନଦୀର କେତେକ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ କରାଯାଉଥିବାରୁ ଅଞ୍ଚଳବାସୀ ଏହାକୁ ବିରୋଧ କରୁଛନ୍ତି। ବାରମ୍ଭାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ କେନ୍ଦୁଆ ଗ୍ରାମବାସୀ ରାଜ୍ୟ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଗ୍ରାମ୍ୟ ରାସ୍ତା ଦେଇ ବାଲି ଚାଲାଣ ହେଉଥବବାରୁ ଏହାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଧୂଳି ଧୂଆଁ ଗ୍ରାମ ପରିବେଶକୁ ନଷ୍ଟ କରୁଛି। ବାଲି ବେପାରୀମାନେ ବିଭିନ୍ନ ସ୍ଥାନରେ ବାଲି ଡିପୋ କରିଥିବା ସେମାନେ ଦର୍ଶାଇଛନ୍ତି। ସ୍ଥାନୀୟ ରାଜସ୍ୱ ଓ ତହସିଲ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାଇ ଦେଇଛନ୍ତି।

### ମଞ୍ଜୁଲତାଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ

ବଉଳା, ୪।୧୦(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ନୂଆଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାଇଧର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସନାତନ ମହାପାତ୍ର ଯୋଗ ଦେଇଥିଲେ । ବୃନ୍ଦାବନ ବେହେରା, ସନାତନ ରାଉତ, ତ୍ରିଲୋଚନ ପହି, ପିତାମ୍ବର ପଣ୍ଡା, ବିନୋଦ ଚନ୍ଦ୍ର ମଲ୍ଲିକ, ଗୌରାଙ୍ଗ ଚରଣ ରାଉତ, ସିଆରସିସି ରବୀନ୍ଦ୍ର କୁମାର ସାହୁ ଓ ପ୍ରଦୀପ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସୋସୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଇଂ ରବୀନ୍ଦ୍ର କୁମାର ଜେନା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳ ଚାଳକ ସଂଘ ପକ୍ଷରୁ ବିକ୍ଷୋଭ, ଧାରଣା

କେନ୍ଦୁଝର ୪।୧୦( ସ୍ୱ.ପ୍ର.)

**ଘରୋଇକରଣ ପ୍ରତିବାଦରେ କଳା ଦିବସ ପାଳନ**



କଳାବ୍ୟାଜ୍ ପରିଧାନ କରି ଚାଳକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ୧୦୦ ଦିନିଆ ଯୋଜନା ଅନ୍ତର୍ଗତ ରେଳବାଇରେ ଘରୋଇକରଣ ଭଳି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପ୍ରଥମ ଘରୋଇ ଟ୍ରେନ 'ତେଜସ' ଲକ୍ଷ୍ନୌଠାରୁ ଦିଲ୍ଲୀ ମଧ୍ୟରେ ଚଳାଚଳ ଆରମ୍ଭ କରିଛି। ଏହାକୁ ସର୍ବଭାରତୀୟ ସ୍ତରରେ ରେଳ ଚାଳକ ସଂଘ ବିରୋଧ କରି ସମସ୍ତ ରେଳ ଚାଳକ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ସାମ୍ନାରେ ଶୁକ୍ରବାର କଳାଦିବସ ପାଳନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧାରୋଡ ମଣ୍ଡଳରେ ଖୋର୍ଦ୍ଧା, ଭଦ୍ରକ, ତାଳଚେର, ପାରାଦୀପ, ଜଖପୁରା, ପଲାସା, ଅନୁଗୋଳ, ଢେଙ୍କାନାଳ ଓ ପୁରୀ ଆଦି ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି କେନ୍ଦୁଝର ଗଡ଼ ରେଳବାଇ ପରିସରରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ୧୯୮୦ ମସିହା ନିୟମ ଅନୁସାରେ ମାଇଲେଜ ଭତ୍ତା ନିର୍ଦ୍ଧାରଣ କରିବା, ପେନସନରେ ଅସମାନତା ଦୂରକରିବା, ୮ ଘଣ୍ଟା କାର୍ଯ୍ୟ ସମୟ ନିର୍ଦ୍ଧାରଣ କରିବା,ସପ୍ତାହରେ ୪୬ ଘଣ୍ଟା ବିଶ୍ରାମ ପ୍ରଦାନ, ପୁରାତନ ପେନସନ ନୀତି ଲାଗୁ କରିବା ଆଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ତରଫରୁ ଜୟପ୍ରକାଶ ଦଣ୍ଡପାଟ, ସତ୍ୟନାରାୟଣ ପଟ୍ଟନାୟକ, ପ୍ରଦୀପ୍ତ ମହାନ୍ତି, ରାକେଶ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ଅଞ୍ଜନ ସାହୁ, ଧନଞ୍ଜୟ ବେହେରା, ବିରଞ୍ଚି ନାରାୟଣ କର, ସୁଶାନ୍ତ ସାମଲ, ସ୍ମୃତିରଞ୍ଜନ ସାହୁ, ଆଲାମ ଜଗମୋହନ ଖୁଣ୍ଟିଆ, ସତୀକାନ୍ତ ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିଲେ। କେନ୍ଦୁଝରର ବିଶ୍ୱଜିତ ପୋଥାଳ, ବାଘାଇ ସୋରେନ, ସଞ୍ଜୀବ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ । ଏଥିରେ ଶତାଧିକ ରେଳଚାଳକ ଅଂଶଗ୍ରହଣ କରିଥିଲେ। ଭାରତ ସରକାର ଘରୋଇକରଣ କାର୍ଯ୍ୟ ବନ୍ଦ ନ କଲେ ଆଗାମୀ ଦିନରେ ସଂଘ ସମସ୍ତ ରେଳ କର୍ମଚାରୀ ସଂଘଙ୍କ ସହାୟତାରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଛି।

■ ସୌଭାଗ୍ୟ ବିଦ୍ୟୁତୀକରଣ ଯୋଜନାରେ ମନ୍ଥର ଗତି

# ଆପତ୍ତି ଜଣାଇ ନିରାଶ ଆଶାୟୀ ଉପଭୋକ୍ତା

ଝୁମ୍ପୁରା, ୪।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ବିଦ୍ୟୁତୀକରଣ ଯୋଜନା ଫେଲ୍ ମାରିଛି। ଏହି ଯୋଜନାରେ ବିଦ୍ୟୁତୀକରଣ କାମ ନିମ୍ନମାନର ହେଉଥିବା ଏବଂ ବର୍ଷ ବର୍ଷ ଧରି କାମ ଅଧାପନ୍ତରିଆ ହୋଇ ପଡି ରହିଥିବା ଦେଖାଯାଉଛି। ଆଶାୟୀ ବିଦ୍ୟୁତ ଉପଭୋକ୍ତାମାନେ ଏ ନେଇ ନେସ୍କୋ କାର୍ଯ୍ୟାଳୟ ଘେରାଉ କରିବା ସହିତ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ପ୍ରତିକାର ହେଉନାହିଁ। ନିକଟରେ ଅର୍ଶଳା, ଝୁମ୍ପୁରା, ଖୁଣ୍ଟାପଡା, ବାରଖଣ୍ଡିଆ, ଖେଣ୍ଡରା, ବାଲିବନ୍ଧ, ରାଇକଳା, ହାଣ୍ଡିଭଙ୍ଗା ଆଦି ଗ୍ରାମଗୁଡିକର ବାସିନ୍ଦା ଅଧାପନ୍ତରିଆ ହୋଇ ପଡିଥିବା ସୌଭାଗ୍ୟ ଯୋଜନାର ବିଦ୍ୟୁତୀକରଣ କାମ ଶୀଘ୍ର ଶେଷ କରି ବିଦ୍ୟୁତ ସଂଯୋଗ ଦେବା ଲାଗି ଦାବି କରିଛନ୍ତି। ଏ ସମ୍ପର୍କରେ ଝୁମ୍ପୁରା ଏବଂ ରିମୁଳି ବିଦ୍ୟୁତ ସେକଶନର ଯନ୍ତ୍ରୀ ଏଲ. ବାରିକ ଏବଂ ଡି. ମୁର୍ମୁଙ୍କୁ ପଚାରିବାରୁ କାମ ଶୀଘ୍ର ସାରିବା ପାଇଁ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ କରାଯାଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ କେନ୍ଦୁଝରସ୍ଥିତ ନେସ୍କୋର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସଙ୍କୁ ପଚାରିବାରୁ ସେ ସ୍ଥିତି ଅନୁଧ୍ୟାନ କରି ଦେଖିବେ ବୋଲି କହିଛନ୍ତି।

■ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ୮ ସ୍ୱର୍ଣ୍ଣ, ୧୦ରୌପ୍ୟ ପଦକ ହାସଲ କରି କେନ୍ଦୁଝର ଚାମ୍ପିୟନ




ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

କେନ୍ଦୁଝର, ୪।୧୦(ଡି.ଏନ୍.ଏ.)

୩୩ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦୁଝର ଜିଲା ଚାମ୍ପିୟନ୍ ହୋଇଛି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ କ୍ଲବ ହାଉସଠାରେ ଗତ ୧ ଓ ୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୭୧ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କେନ୍ଦୁଝରର ପ୍ରତିଯୋଗୀ ୮ ସ୍ୱର୍ଣ୍ଣ, ୧୦ରୌପ୍ୟ ଏବଂ ୫ବ୍ରୋଞ୍ଜ ପଦକ ହାସଲ କରି ଚାମ୍ପିୟନ୍ ହୋଇଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳାଳିମାନେ ହେଲେ ଶୁଭମ ନାୟକ, ସତ୍ୟବାନ ମହାପାତ୍ର, ଅଭିନାଶ ନାଏକ, ସୋନୁ ସାହୁ, ଦିଗବିଜୟ ବେହେରା, ପାର୍ଥସାରଥି ସାହୁ, ବିଶ୍ୱରୂପା ପାତ୍ର ଓ ମାନସ ରଞ୍ଜନ ବାରିକ। ସେହିପରି ରୌପ୍ୟ ପଦକ ହାସଲ କରିଥିବା ଖେଳାଳିମାନେ ହେଲେ ଅଭିନାଶ ମହାନ୍ତ, ସ୍ମିତିପ୍ରଜ୍ଞା ଗିରି, ସ୍ୱାଗତିକା ବାରିକ, ଆର୍ଯ୍ୟଜୀବନ ବାରିକ, ସୁବାସ ପୂର୍ତ୍ତି, ଅମରନାଥ ବାରିକ, ସତ୍ୟବ୍ରତ ମୁଣ୍ଡା, କୁନା ମାଝୀ, ବିବେକ କୁମାର ନାଏକ ଓ ସ୍ୱାଗତିକା ନାୟକ। ଏଥିସହ ବ୍ରୋଞ୍ଜ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ଦେବରାଜ ସାହୁ, ଅଂଶୁମାନ ଗିରି, ଓମ୍‌ପ୍ରକାଶ ବାରିକ, ରୋହିତ କୁମାର ଦେଓ ଏବଂ ଶୁଭମ୍ କୁମାର ସାହୁ। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟ କ୍ରୀଡା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତ ବେହେରା, ପୂର୍ବତନ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ଓଡିଶା ଟାଇକୋଣ୍ଡୋ ଆସୋସିଏଶନ୍‌ର ସମ୍ପାଦକ ଗୋପାଳ ଚନ୍ଦ୍ର ରାୟ ପ୍ରମୁଖଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କେନ୍ଦୁଝର ଜିଲାର କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଜିଲା ଆମେଚର ଟାଇକୋଣ୍ଡୋ ଆସୋସିଏଶନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଶୁଭେଚ୍ଛା ଜଣାଇଛନ୍ତି।

### ଜୀବନ ବୀମା ସଂଘର ପ୍ରତିଷ୍ଠା ଉତ୍ସବ

ଘସିପୁରା, ୪।୧୦(ଡି.ଏନ.ଏ.)

ଭାରତୀୟ ଜୀବନ ବୀମା ସଂଘ କେନ୍ଦୁଝର ଶାଖାର ୫୬ତମ ପ୍ରତିଷ୍ଠା ଦିବସ ଘସିପୁରା ଝାଡେଶ୍ୱର କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ କେନ୍ଦୁଝର ଶାଖାର ସଭାପତି ସନ୍ତୋଷ କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଏଜେଣ୍ଟମାନେ ଏଥିରେ ଯୋଗଦେଇ ବୀମା କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ଦାସ ପ୍ରତିଷ୍ଠା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସିଏଲଆଇଏ କୈଳାସ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଉଗ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ଏଜେଣ୍ଟ ବନମାଳୀ ଚକ୍ରଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଯୋଡ଼ା, ୪।୧୦ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ପଳସା ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଥିବା ଗୁରୁଡା ୟୁଜିଏମଇ ସ୍କୁଲ୍‌ରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ମହାକୁଡ, ସୁଧୀର କୁମାର ନାୟକ, ସ୍ୱର୍ଗତ ଅଜମ୍ବର ମହାନ୍ତଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ରମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକମାନେ ଗାନ୍ଧିଜୀଙ୍କ ଆଦର୍ଶ, ସତଚରିତ୍ରରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଟିଗା ଏଥିରେ ସଭାପତିତ୍ୱ କରିଥିଲେ। ସହଶିକ୍ଷକ ସାହିଦ ଇକବାଲ୍, ସ୍ମୃତିରଞ୍ଜନ ମଣ୍ଡଳ, ସୁଶାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଦାଉଦ ବାଲା, କୀର୍ତ୍ତିମୟୀ ମହାନ୍ତ, ଯାଜ୍ଞସେନୀ ଲୋହାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ବିରୋଧ ସତ୍ତ୍ୱେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଜମି ଚିହ୍ନଟ

କେନ୍ଦୁଝର, ୪।୧୦(ଡି.ଏନ୍.ଏ.)

କେନ୍ଦୁଝର ସଦର ତହସିଲ ନରଣପୁର ପଞ୍ଚାୟତର ରାମଚନ୍ଦ୍ରପୁର ମୌଜାଠାରେ ପ୍ରସ୍ତାବିତ ପୌରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଲାଗି ଗୁରୁବାର ଜମି ଚିହ୍ନଟ କରାଯାଇଛି। ଗତ କିଛିଦିନ ତଳେ ଏହି ଜମିରେ ପୌରାଞ୍ଚଳର ବର୍ଜ୍ୟବସ୍ତୁ ଢଳାଯିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଇ ନ ଦେବା ପାଇଁ ଦାବି କରିଥିଲେ। ତେବେ ଗୁରୁବାର ଏକ ପ୍ଲାଟୁନ ପୋଲିସ ଫୋର୍ସ ସମେତ ଟାଉନ ଥାନା ଅଧିକାରୀ ସୋମନାଥ ଜେନା, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନା, ପୌରାଞ୍ଚଳର ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ କେନ୍ଦୁଝର ରାଜସ୍ୱ ନିରୀକ୍ଷକ ସର୍କଲ-୨ର କର୍ମଚାରୀମାନେ ପହଞ୍ଚି ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ। ସେଠାରେ ରାମଚନ୍ଦ୍ରପୁର ଜାହିରାସାହି, ରତନା ସାହି ପ୍ରଭୃତି ଅଞ୍ଚଳର ଜନସାଧାରଣ ଏହାର ପ୍ରତିବାଦ କରିଥିଲେ ମଧ୍ୟ ଜମି ଚିହ୍ନଟ ପ୍ରକ୍ରିୟା ଶେଷ କରାଯାଇଥିଲା।

■ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଧରପଗଡ଼

# ୩ ଗିରଫ, ୨ ଟ୍ରକ୍ ଓ ୧କ୍ୟାମ୍ପର ଜବତ



ଗିରଫ ୩ ଅଭିଯୁକ୍ତ।

ବଡବିଲ, ୪।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଓ ରୁଗୁଡି ପୋଲିସ ପକ୍ଷରୁ ଶୁକ୍ରବାର ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା ରୋକିବା ଲାଗି ରାସ୍ତାରେ ଧରପଗଡ କରାଯାଇଥିଲା। ଯାଞ୍ଚ ବେଳେ ୩ ଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୨ଟି ଟ୍ରକ ଓ ୧ଟି କ୍ୟାମ୍ପରକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାଦୁରୁ ମୁଣ୍ଡା, ମୁକେଶ ମାଲି ଏବଂ ଅଶୁତୋଷ ଶତପଥୀ। ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ, ଫିଟନେସ ଆଦିର କାଗଜପତ୍ର ଯାଞ୍ଚ କରାଯାଉଥିବା ପୋଲିସ କହିଛି।

# ପ୍ଲାଷ୍ଟିକ ବର୍ଜନ ସଚେତନତା

ଆନନ୍ଦପୁର, ୪।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସଭାଗୃହରେ ସରପଞ୍ଚ ଆରତୀ ବେହେରାଙ୍କ ସଭାପତିତ୍ୱରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରିୟଦର୍ଶନୀ ସେଠୀ ସଭାରେ ଯୋଗଦେଇ ଏମ୍‌ଜିଏନଆରଇଜିଏସରେ ଗ୍ରାମ ଅଟକଳ ଓ ବାର୍ଷିକ କାର୍ଯ୍ୟ ଖସଡା ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ପ୍ଲାଷ୍ଟିକ ବର୍ଜନ କରି ପରିବେଶରେ ସ୍ୱଚ୍ଛତା ଆଣିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସ୍ତରରେ ଏବେ ଏସଏଚଜି ଗ୍ରୁପ ମାଧ୍ୟମରେ ପଞ୍ଚାୟତଗୁଡିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଉଦ୍ୟମ କରାଯାଉଛି। ଲୋକେ ସଚେତନ ନ ହେଲେ ଏହା ସମ୍ଭବ ହୋଇପାରିବ ନାହିଁ ବୋଲି ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ବଳରାମ ମିଶ୍ର କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଧୀର, ଗ୍ରାମ ରୋଜଗାର ସେବକ ବସନ୍ତ କୁମାର ମାଝୀ, ବିଏଫଟି ଭାଗୀରଥି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପଞ୍ଚାୟତଗୁଡିକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେଇଥିଲେ।

# ବାଲ୍ୟବିବାହ ନିରାକରଣ ଚିନ୍ତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆନନ୍ଦପୁର, ୪।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ କନଫରେନ୍ସ ହଲ୍‌ରେ ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଚାଇଲ୍ଡଲାଇନ ଟିମ୍ ଲିଡର ନରେନ୍ଦ୍ର ପରିଡା, ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ, ହିମାଂଶୁ କୁମାର ରାମ ପ୍ରମୁଖ ସମ୍ପ୍ରତି ସମାଜରେ ବିଶେଷକରି ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ବୃଦ୍ଧି ପାଇବା ଘଟଣା ନେଇ ଉଦବେଗ ପ୍ରକାଶ କରିଥିଲେ। ପରିବାରର ଆର୍ଥିକ ପରିସ୍ଥିତି, ଅଧାରୁ ପାଠପଢା ଛାଡୁଥିବା ପିଲା ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ କ୍ଷେତ୍ରରେ ଏଭଳି ଘଟଣା ବହୁଳ ଭାବେ ଦେଖାଯାଉଛି। ସେହିଭଳି ଆନନ୍ଦପୁର ଉପଖଣ୍ଡରେ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶିଶୁମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବା ଅପରିହାର୍ଯ୍ୟ ହୋଇପଡିଛି। ଶିଶୁମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ଚାଇଲ୍ଡଲାଇନର ନିଶୁଳ୍କ ଟେଲିଫୋନ ସେବା ୧୦୯୮କୁ ଫୋନରେ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଓସ୍କା କେନ୍ଦୁଝର ତରଫରୁ ଶିରୀଷ ଚନ୍ଦ୍ର ସିଂହସାମନ୍ତ ଯୋଗ ଦେଇଥିଲେ।

# ରତକଣା ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିର୍ଦ୍ଦେଶ

ହାଟଡିହୀ, ୪।୧୦(ଡି.ଏନ୍.ଏ.)

ବିଦ୍ୟାଳୟ ସମସ୍ୟା ତୁଟାଇବାରେ କର୍ତ୍ତୃପକ୍ଷ ବିଫଳ ହେବାରୁ ଅଭିଭାବକମାନେ ୭ ଛାତ୍ରୀଛାତ୍ରଙ୍କ ଟିସି ନେଇଗଲେ। ଏଭଳି ସ୍ଥିତିରେ ଛାତ୍ର ଉପସ୍ଥାନ ହ୍ରାସ ପାଇବାରୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ରତକଣା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦେବା ଲାଗି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ପ୍ରଧାନ ଶିକ୍ଷକଙ୍କୁ ରେକର୍ଡ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖନୀୟ ଯେ, ଏହି ସ୍କୁଲର ପରିଚାଳନା କମିଟି କର୍ତ୍ତୃପକ୍ଷ ଏବଂ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ହାଟଡିହୀ ବିଇଓ କ୍ଷୀରୋଦ ତ୍ରିପାଠୀ ବିବାଦର ସମାଧାନ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ବିଦ୍ୟାଳୟରେ ମୋଟ ୧୦ ଜଣ ଛାତ୍ରୀଛାତ୍ର ଥିବା ବେଳେ ପରେ ୭ ଅଭିଭାବକ ସେମାନଙ୍କ ପିଲାଙ୍କ ଟିସି ନେଇ ଯାଇଥିଲେ। ଏବେ ଆଉ ୩ ଛାତ୍ରୀଛାତ୍ର ବିଦ୍ୟାଳୟରେ ରହିଥିଲେ। ଏଭଳି ସ୍ଥିତିରେ ବିଇଓ ଚିଠି ନଂ ୩୨୦୩/ତା୪।୧୦।୧୯ ରିଖରେ ସ୍କୁଲ ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ସହିତ ବିଦ୍ୟାଳୟର ଆସବାବପତ୍ର ଏବଂ ଗୃହ ସରପଞ୍ଚଙ୍କୁ ହସ୍ତାନ୍ତର କରିବା ପାଇଁ ଜଣାଇଛନ୍ତି।

# ଏ କେ ୪୭ କେନ୍ଦୁଝର ଦଳ ବିଜୟୀ

ପାଟଣା, ୪।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ଗିରିଧିନା ଗ୍ରାମର ଫୁଟବଲ ପଡ଼ିଆରେ ମାର୍ଶାଲ କ୍ଲବ ତରଫରୁ ଚାଲିଥିବା ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏକ କେ ୪୭ କେନ୍ଦୁଝର ସହ ଦନାପୁର ଏକାଦଶ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଏକେ ୪୭ କେନ୍ଦୁଝର ୪-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନନୀୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ ଓ ସ୍ଥାନୀୟ ସରପଞ୍ଚ ଭାମାମଣି ଦାସ ପ୍ରମୁଖ ଯୋଗ ଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ୩ଦିନ ଧରି ଚାଲିଥିବା ଏହି ଫୁଟବଲ ଟୁର୍ନାମେଣ୍ଟରେ ମୋଟ ୩୨ ଦଳ ଅଂଶ ଗ୍ରହଣ କରିଥିଲେ।



ଫୁଟବଲ ଖେଳାଳିଙ୍କ ସହ ବିଧାୟକ ଓ ଅତିଥି।

# ତଦନ୍ତ ପରେ ହେଲା ରାସ୍ତା ମରାମତି

ବଉଳା, ୪।୧୦(ଡି.ଏନ.ଏ.)

**ମରୈଗାଁ-ବଳିପୁର ରାସ୍ତା**



ରାସ୍ତାକୁ ସାନି ମରାମତି କରାଯାଉଛି।

କେନ୍ଦୁଝର ଜିଲା ପରିଷଦ ୱାର୍କସ କମିଟିର ତଦନ୍ତ ପରେ ହାଟଡିହୀ ବ୍ଲକର ମରୈଗାଁ-ବଳିପୁର ରାସ୍ତା ମରାମତି କାମ ଆରମ୍ଭ ହୋଇଛି । ଏହି ରାସ୍ତାକାମ ନିମ୍ନମାନର ହୋଇଥିବା ନେଇ ୩୭ ନଂ ଜୋନର ଜିଲା ପରିଷଦ ସଦସ୍ୟା ପ୍ରଣତି ଦେଓ ଜିଲାପରିଷଦ ବୈଠକରେ ଅଭିଯୋଗ କରିଥିଲେ । ଏହାକୁ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାପରିଷଦର ୱାର୍କସ କମିଟିର ସଦସ୍ୟା ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଗତ ୨୦ ତାରିଖରେ ତଦନ୍ତ କରିଥିଲେ।

ତଦନ୍ତ ସମୟରେ ୱାର୍କସ କମିଟିର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ସଦସ୍ୟା ଡଲି ପାତ୍ର, ଜୟପ୍ରଦା ସା, ବିନୟ କୁମାର ସାହୁ, ମାନସ ବେହେରା ଓ ଷ୍ଟେନୋ କୈଳାସ ଚନ୍ଦ୍ର ମଲ୍ଲିକ, ଜଳସେଚନ ବିଭାଗର ଏକଜ୍ୟୁଟିଭ ଇଞ୍ଜିନିୟର ବିନୋଦ କୁମାର ପଟ୍ଟନାୟକ, ଆରଡବ୍ଲୁଏସଏସ କେନ୍ଦୁଝରର ଏକଜ୍‌କ୍ୟୁଟିଭ ଇଞ୍ଜିନିୟର ଦୟାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଡବ୍ଲୁଏସଏସ ଆନନ୍ଦପୁର ଏକଜ୍ୟୁଟିଭ ଇଞ୍ଜିନିୟର ବଳରାମ ମିଶ୍ର, ଆର ଆଣ୍ଡ ବି , ଘଟଗାଁର ଏକଜ୍ୟୁଟିଭ ଇଞ୍ଜିନିୟର ଅଶୋକ ଗିରି, ଆରଡି ଏକଜ୍‌କ୍ୟୁଟିଭ ଇଞ୍ଜିନିୟର ଆଲୋକ ମହାନ୍ତି, ଆନନ୍ଦପୁର ଆର ଆଣ୍ଡ ବି ର ଏସଡିଓ ସମୀର କୁମାର ଅଧିକାରୀ, ଜଳସେଚନ ବିଭାଗର ଏସଡିଓ ଓ ଯନ୍ତ୍ରୀ, ଜିଲାପରିଷଦ ସଦସ୍ୟା ପ୍ରଣତି ଦେଓ, ସୁରେନ୍ଦ୍ର ଜେନା, ଘଟଗାଁର ଜିଲାପରିଷଦ ସଦସ୍ୟାଙ୍କ ପ୍ରତିନିଧି ପ୍ରଦୀପ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଯାଞ୍ଚ କରିଥିଲେ। ଉକ୍ତ କମିଟିର ନିର୍ଦ୍ଦେଶ କ୍ରମେ ରାସ୍ତାରେ ବଡ଼ବଡ଼ ଖାଲ ଗୁଡ଼ିକୁ ମରାମତି କରାଯିବା ସହିତ ଯେଉଁ ରାସ୍ତା ଅଧିକ ଖରାପ ହୋଇଛି ତାକୁ ଖୋଳାଯାଇ ସାନି ମରାମତି କରାଯିବାକୁ କୁହାଯାଛି। ତଦନୁଯାୟୀ ଗତ ୨୭ ତାରିଖରୁ ମରାମତି କାମ ଆରମ୍ଭ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ରାସ୍ତା ମରାମତି ଶେଷ ହେବା ପରେ ଗୋଟିଏ ଲେୟାର ପିଚୁ ହେବ ବୋଲି ଜଣାଯାଇଛି ।